## ଭାଜପା ପକ୍ଷରୁ ୩ ମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ

କୁଚିଣ୍ଡା,(ଡି.ଏନ.ଏ.): ମମିତା ମେହେର ହତ୍ୟା ଘଟଣାରେ ସୋମବାର କୁଚିଣ୍ଡା ବ୍ଲକ ସମ୍ମୁଖରେ ଭାଜପା କୁଚିଣ୍ଡା ନଗରମଣ୍ଡଳ, ଚୈତ୍ରା ମଣ୍ଡଳ ଓ ଗୁଦଗୁଦା ମଣ୍ଡଳ ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଓ ଆଇନ ମନ୍ତ୍ରୀ ପ୍ରତାପ ଜେନାଙ୍କ କୁଶ ପୁତ୍ତଳିକା ଦାହ କରାଯାଇଛି। ଏହି କାର୍ଯ୍ୟକ୍ରମରେ ନଗର ମଣ୍ଡଳ ସଭାପତି କାହ୍ନୁ ଚରଣ ନାୟକ, ଚୈତ୍ରା ମଣ୍ଡଳ ସଭାପତି ପୂର୍ଣ୍ଣଚନ୍ଦ୍ର ପଟେଲ, ଗୁଦଗୁଦା ମଣ୍ଡଳ ସଭାପତି ଉପେନ୍ଦ୍ର ପଟେଲ, ଜିଲା ପ୍ରବକ୍ତା ପିଙ୍କୁ ପାଣି, ନଗର ଉପସଭାପତି ମହେଶ ରାୟ, ନଗର ସାଧାରଣ ସମ୍ପାଦକ ପ୍ରାଣବନ୍ଧୁ ନାଥ,ରାଣା ପ୍ରତାପ ସିଂଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ।

# ଆଲୋଚନା ବିଫଳ, ଆଜିଠୁ ବିସ୍ଥାପିତଙ୍କ ଅନଶନ

ଝାରସୁଗୁଡ଼ା ଅଫିସ,୮।୧୧

ଓଡ଼ିଶା ବିଦ୍ୟୁତ୍ ଉତ୍ପାଦନ ନିଗମ (ଓପିଜିସି)ର ବନହରପାଲିସ୍ଥିତ ଇବ୍ ତାପଜ ବିଦ୍ୟୁତ୍ କେନ୍ଦ୍ର ଦ୍ୱାରା ବିସ୍ଥାପିତ ହୋଇଥିବା ଫଲସାମୁଣ୍ଡା ଗ୍ରାମର କେତକୀ ପ୍ରଧାନ, ବାରଗାଡ଼ ଗ୍ରାମର ତପସ୍ୱିନୀ ନାଏକ, ଭଗବତୀ ପ୍ରଧାନ, ସତ୍ୟଜିତ ନାୟକ ସ୍ଥାୟୀ ନିଯୁକ୍ତି ଦାବିରେ ପ୍ରକଳ୍ପ ଫାଟକ ଆଗରେ ଅନଶନରେ ବସିବା ପାଇଁ ଗତ ଅକ୍ଟୋବର ୬ତାରିଖରେ ଜିଲାପାଳଙ୍କୁ ଜଣାଇଥିଲେ। ଏହାର ଏକକିତା ନକଲ ଉତ୍ତରାଞ୍ଚଳ ରାଜସ୍ୱ କମିଶନର, ଏସ୍‌ପି, ଉପଜିଲାପାଳ, ସିଡିଏମ୍‌ଓ, ଓପିଜିସି ଏମ୍‌ଡି, ଓପିଜିସି (ନିର୍ଦ୍ଦେଶକ)ଙ୍କୁ ଦେଇଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ସୋମବାର ଏକ ତ୍ରିପାକ୍ଷିକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଉପଜିଲାପାଳ ଶିବ ଟପ୍ପୋ, ଓପିଜିସି ଏଜିଏମ୍ ଏନ୍ ଏନ୍ ଷଡଙ୍ଗୀ, ଆସିଷ୍ଟାଣ୍ଡ ମ୍ୟାନେଜର ଅବନି କୁମାର ନାୟକ ଓ ବିସ୍ଥାପିତଙ୍କ ତରଫରୁ ଲକ୍ଷ୍ମଣ ପ୍ରଧାନ, ଅଶୋକ ପ୍ରଧାନ, କୃଷ୍ଣ ନାଏକ ଓ ଲାଲ ସା ପ୍ରମୁଖ ରହିଥିଲେ। ବିସ୍ଥାପିତମାନେ ଦର୍ଶାଇଥିଲେ ଓପିଜିସି ପ୍ରକଳ୍ପରେ ସ୍ଥାୟୀ ନିଯୁକ୍ତି ପାଇବା ପାଇଁ ଯୋଗ୍ୟ ହୋଇଥିଲେ ମଧ୍ୟ ଆମକୁ ପ୍ରତାରଣା କରାଯାଇ ଭାରତୀୟ ସମ୍ବିଧାନ ଦେଇଥିବା ମୌଳିକ ଅଧିକାରର ଧାରା ୧୪ ଓ ୧୬କୁ କ୍ଷୁଣ୍ଣ କରାଯାଇଛି। ଆର୍‌ପିଡିଏସି ବୈଠକ ନିଷ୍ପତ୍ତିକ୍ରମେ ରାଜ୍ୟ ସରକାରଙ୍କ ପୁନର୍ବାସ ଓ ଥଇଥାନ ନୀତି ୨୦୦୬ ଅନୁଚ୍ଛେଦ ୧୩ ମୁତାବକ ସ୍ଥାୟୀ ନିଯୁକ୍ତି ବଦଳରେ ସର୍ବୋଚ୍ଚ ଶ୍ରେଣୀର ଏକକାଳୀନ ଆର୍ଥିକ କ୍ଷତିପୂରଣ ୫ଲକ୍ଷ ୫୨ହଜାର ଟଙ୍କା ଧାର୍ଯ୍ୟ କରାଯାଇଥିଲା। ୨୦୧୧ ଫେବୃୟାରୀ ୨୮ରେ ଜିଲାପାଳ ସ୍ଥାୟୀ ନିଯୁକ୍ତି ବଦଳରେ ଆର୍ଥିକ କ୍ଷତିପୂରଣ ଦେବାପାଇଁ ଓପିଜିସି କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେବା ସମୟରେ ରାଜ୍ୟ ସରକାରଙ୍କ ପୁନର୍ବାସ ଓ ଥଇଥାନ ନୀତି ମୁତାବକ ସ୍ଥାୟୀ ନିଯୁକ୍ତି ବଦଳରେ ସର୍ବୋଚ୍ଚ ଶ୍ରେଣୀର ଏକକାଳୀନ ଆର୍ଥିକ କ୍ଷତିପୂରଣ ରାଶି ୬ଲକ୍ଷ ୨୧ହଜାର ଟଙ୍କା ରହିଥିଲା। ହେଲେ କମ୍ପାନୀ କର୍ତ୍ତୃପକ୍ଷ ସ୍ଥାୟୀ ନିଯୁକ୍ତି ବାବଦକୁ ଉଚିତ ମୂଲ୍ୟରୁ କମ୍‌କରି ୫ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିଥିଲେ। ପୁନର୍ବାସ ଓ ଥଇଥାନ ନୀତି ୨୦୦୬ ଅନୁଚ୍ଛେଦ ୧୧ ଅନୁଯାୟୀ ନିର୍ଦ୍ଧାରିତ ରାଶିର ୨ଗୁଣ କ୍ଷତିପୂରଣ ଦେବାପାଇଁ ନିୟମ ରହିଥିବାବେଳେ ଏହାକୁ କମ୍ପାନୀ କର୍ତ୍ତୃପକ୍ଷ ଉଲ୍ଲଂଘନ କରିଛନ୍ତି। ସୂଚନାଯୋଗ୍ୟ ପ୍ରକଳ୍ପ ଦ୍ୱାରା ବିସ୍ଥାପିତ ଲୋକଙ୍କୁ ବାସଗୃହ ଓ ଚାଷଜମିର କ୍ଷତିପୂରଣ ନିର୍ଦ୍ଧାରିତ ମୂଲ୍ୟର ୨ଗୁଣ ପ୍ରଦାନ କରାଯାଇଛି। ଏହି ନିୟମ ଆଧାରରେ ସ୍ଥାୟୀ ନିଯୁକ୍ତି ବାବଦକୁ ୨ଗୁଣ କ୍ଷତିପୂରଣ ପ୍ରଦାନ ପାଇଁ ବିସ୍ଥାପିତମାନେ ଦାବି କରିଛନ୍ତି। ଏ ନେଇ ଉପଜିଲାପାଳ ଟପ୍ପୋ କହିଥିଲେ, ଏସବୁ ଦାବିକୁ ନେଇ ଆଗାମୀ ଆର୍‌ପିଡିଏସି ବୈଠକରେ ଆଲୋଚନା କରାଯିବ। ଅନଶନ ନ କରି ଆଗାମୀ ବୈଠକ ପର୍ଯ୍ୟନ୍ତ ଅପେକ୍ଷା କରିବା ପାଇଁ କହିଥିଲେ। ଏହାକୁ ବିସ୍ଥାପିତମାନେ ଅଗ୍ରାହ୍ୟ କରି ମଙ୍ଗଳବାରଠାରୁ ଅନଶନ ଜାରି ରଖିବେ ବୋଲି କହିଛନ୍ତି।

## ସଂକ୍ଷେପରେ

### ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ବେଳେ ଆକ୍ରମଣ ଘଟଣା: ୩ ଗିରଫ

କୁଚିଣ୍ଡା,୮।୧୧(ଡି.ଏନ.ଏ.): ଗତ ୨ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କୁଚିଣ୍ଡା ଗସ୍ତ ବେଳେ ଭାଜପା ଓ କଂଗ୍ରେସ ପକ୍ଷରୁ ବିରୋଧ ପ୍ରଦର୍ଶନ କରୁଥିବା ସମୟରେ ବାହାର ଜିଲାରୁ ଆସି କେତେଜଣ ଯୁବକ ଆକ୍ରମଣ କରିଥିଲେ। ଏ ନେଇ କଂଗ୍ରେସ ଓ ଭାଜପା ପକ୍ଷରୁ ପୃଥକ୍ ଭାବେ କୁଚିଣ୍ଡା ଥାନାରେ ଅଭିଯୋଗ ହୋଇଥିଲା। କୁଚିଣ୍ଡା ନିର୍ବାଚନ ମଣ୍ଡଳୀର ଯୁବ କଂଗ୍ରେସ ସଭାପତି ଜୟନ୍ତ କିସାନଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିବାବେଳେ ଭାଜପାର ମହିଳା ନେତ୍ରୀଙ୍କୁ ଦୁର୍ବ୍ୟବହାର କରାଯାଇଥିବା ନେଇ ଅଭିଯୋଗରେ ଦର୍ଶାଯାଇଥିଲା। ଏହା ଆଧାରରେ ପୋଲିସ ୧୯୫ ଓ ୧୯୬/୨୧ରେ ଦୁଇଗୋଟି ମାମଲା ରୁଜୁ କରିଥିଲା। ଏହାର ତଦନ୍ତ କରି କୁଚିଣ୍ଡା ପୋଲିସ ବରଗଡ ଜିଲା ସୋହେଲା ଥାନା ସୋହେଲା (କୁମ୍ଭାରବନ୍ଧ)ର ଅଜୟ ଦୀପ (୨୫), ଶୁଶିଳ କୁମ୍ଭାର (୨୩) ଓ ଦେବେନ୍ଦ୍ର ବେହେରା(୩୦)ଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ଏମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

### ବିଡିଓଙ୍କ ନାମରେ ଜାତିଆଣ ଆକ୍ଷେପ ଅଭିଯୋଗ

ରେଙ୍ଗାଲି,୮।୧୧(ଡି.ଏନ.ଏ.): ସମ୍ବଲପୁର ଜିଲା ରେଙ୍ଗାଲି ଜୋନ ୨ ଜିଲା ପରିଷଦ ସଭ୍ୟା କତରବଗା ଥାନାରେ ରେଙ୍ଗାଲି ବିଡିଓଙ୍କ ନାମରେ ଜାତିଆଣ ଆକ୍ଷେପ ଅଭିଯୋଗ କରିଛନ୍ତି। ସେ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି, ଗତ ୩ତାରିଖରେ ରେଙ୍ଗାଲି ବ୍ଲକରେ ସ୍ମାର୍ଟ କାର୍ଡ ବଣ୍ଟନ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ରେଙ୍ଗାଲି ବିଡ଼ିଓ ଓ ଝାଙ୍କରପାଲି ଇଓ ତାଙ୍କୁ ନିମନ୍ତ୍ରଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଯାଉଥିବା ବେଳେ ପୋଲିସ କୁଆଡେ ତାଙ୍କୁ ଥାନାରେ ଅଟକ ରଖିଥିଲା। ଏ ବିଷୟରେ ସେ ପଚାରିବାରୁ ବିଡିଓ ତାଙ୍କୁ ଜାତିଆଣ ଆକ୍ଷେପ କରିଥିବା ରେଙ୍ଗାଲି ଜୋନ ୨ ଜିଲା ପରିଷଦ ସଭ୍ୟା ଉତ୍ପଳା ଧରୁଆ ଅଭିଯୋଗ କରିଛନ୍ତି। ଏ ବିଷୟରେ ରେଙ୍ଗାଲି ବିଡ଼ିଓ ଶଙ୍କର ପ୍ରସାଦ ସାହୁଙ୍କୁ ପଚାରିବାରୁ ଏହା ମିଥ୍ୟା ଅଭିଯୋଗ ଓ ସେ ଏପରି କିଛି କହିନାହାନ୍ତି ବୋଲି କହିଛନ୍ତି।

### ଜୁଆ ଆଡ୍ଡାରେ ଚଢ଼ାଉ: ୭ ଗିରଫ

ବ୍ରଜରାଜନଗର,୮।୧୧(ଡି.ଏନ.ଏ.): ଓରିଏଣ୍ଟ ଥାନା ଗୁଆଲାପଡା ବାବାମଟିଆ ନିକଟରେ ଚାଲିଥିବା ଜୁଆ ଆଡ୍ଡାରେ ଥାନା ଅଧିକାରୀ କଲ୍ୟାଣି ବେହେରା ଚଢ଼ାଉ କରି ୭ ଜଣଙ୍କୁ ଗିରଫ କରିଛନ୍ତି। ଘଟଣାସ୍ଥଳରୁ ୧୨୩୦୦ ଟଙ୍କା, ୬ ମୋବାଇଲ, ଏକମୁଠା ତାସ ଜବତ ହୋଇଛି। ଚଢ଼ାଉରେ ଏଏସ୍‌ଆଇ ପ୍ରକାଶ ପରିଡା, ଜଳବତୀ କେର୍କେଟା ଓ ପୋଲିସ ଫୋର୍ସ ସାମିଲ ଥିଲେ। ଗିରଫ ଅଭିଯୁକ୍ତଙ୍କୁ ନୋଟିସ ଦିଆଯାଇ ଛାଡିଦିଆଯାଇଛି।

### ଭଲିବଲ ଟିମ୍ ଚୟନ ଶିବିର

ବ୍ରଜରାଜନଗର,୮।୧୧ (ଡି.ଏନ୍.ଏ.): ବ୍ରଜରାଜନଗର ଭଲିବଲ ଖେଳପଡ଼ିଆରେ ଝାରସୁଗୁଡ଼ା କ୍ରୀଡା ସଂଘ ପକ୍ଷରୁ ଭଲିବଲ ଟିମ ଚୟନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା କ୍ରୀଡା ସଂଘ ସାଧାରଣ ସମ୍ପାଦକ ତାପସ ରାୟ ଚୌଧୁରୀ, ଉପସଭାପତି ବ୍ରିଜେଶ ଶର୍ମା, ଗଣେଶ ନାୟକ, ସୁଶାନ୍ତ ମହାନ୍ତି, ଭଲିବଲ ସମ୍ପାଦକ ବିଷ୍ଣୁ ନାୟକ ଉପସ୍ଥିତ ଥିଲେ। ଶିବିରରେ ବ୍ରଜରାଜନଗର, ବେଲପାହାଡ଼, ଦେହେରି ଡ଼ିପା, କଣ୍ଡେଇକେଲା, ଜାମଗା, ଗୁଡମ ଆଦି ସ୍ଥାନରୁ ୧୮ ଜଣ ଖେଳାଳି ଯୋଗଦେଇଥିଲେ ବୋଲି ସମ୍ପାଦକ ନାୟକ ସୂଚନା ଦେଇଛନ୍ତି। ଫୁଲବାଣୀରେ ହେବାକୁ ଥିବା ମହିଳା ଓ ପୁରୁଷ ବିଭାଗ ଆନ୍ତଃ ଜିଲା ଭଲିବଲ ଟୁର୍ନାମେଣ୍ଟରେ ଯୋଗଦେବା ପାଇଁ ପୁରୁଷ ବିଭାଗ ଟିମ୍ ମଙ୍ଗଳବାର ଯିବେ ବୋଲି କୁହାଯାଇଛି।

### ଆର୍‌ସିଏର ନୂତନ କର୍ମକର୍ତ୍ତା

ରାଉରକେଲା ଅଫିସ,୮।୧୧: ରାଉରକେଲା କ୍ରିକେଟ ଆସୋସିଏଶନ ପକ୍ଷରୁ ଏକ ଘରୋଇ ହୋଟେଲ ପରିସରରେ ସୋମବାର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ଏଥିରେ ସଭାପତି ଭାବେ ଗିରିଜା ଶଙ୍କର ଦ୍ୱିବେଦୀ, ଉପସଭାପତି ଦେବୀପ୍ରସାଦ ମିଶ୍ର, ସାଧାରଣ ସମ୍ପାଦକ ସବୀର ହୁସେନ, ସମ୍ପାଦକ ସୌଭେନ୍ଦ୍ର କୁମାର କର, ସହ ସାଧାରଣ ସମ୍ପାଦକ ନରେଶ ଅଗ୍ରୱାଲ, ସୁବେନ୍ଦୁ ଧଳ, କୋଷାଧ୍ୟକ୍ଷ ଆଲାମ ସିଂହ ରୋପ୍ରା, ମିଡ଼ିଆ ପ୍ରଭାରୀ ଭାବେ ଜିତେନ୍ଦ୍ର କୁମାର ପ୍ରସାଦ, ପ୍ରଦୀପ କୁମାର କସୱାଙ୍କୁ ଚୟନ କରାଯାଇଥିଲା। ସେହିପରି ୯ଜଣଙ୍କୁ ଆସୋସିଏଶନର କାର୍ଯ୍ୟକାରୀ ସଦସ୍ୟ ଭାବେ ଚୟନ କରାଯାଇଛି।

## ଦଧିବାମନ ମନ୍ଦିରଠାରେ ନାଗେନ ଚଉଠି ପୂଜା


ଦଧିବାମନ ମନ୍ଦିରଠାରେ ନାଗେନ ଚଉଠି ପୂଜା।

ସମ୍ବଲପୁର,୮।୧୧(ବ୍ୟୁରୋ)

ରୀତିନୀତି ଓ ପରମ୍ପରାନୁସାରେ ନାଗେନ ଚଉଠି ପୂଜା ସୋମବାର ସମ୍ବଲପୁର ସହର ମହାନ୍ତିପଡାସ୍ଥିତ ଦଧିବାମନ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଛି। ବାଳିକା ଓ ମହିଳାମାନେ ମନସ୍କାମନା ପୂରଣ ସକାଶେ ଧଳା ରାଶିରେ ନାଗ ଦେବତା ତିଆରି କରିଥିଲେ। ପଣ୍ଡିତ ଶଶାଙ୍କ ଶେଖର ମିଶ୍ର ପୂଜାର୍ଚ୍ଚନା କରି ନାଗେନ ଚଉଠି କାହାଣୀ ପାଠ କରିଥିଲେ। ପ୍ରଭାତୀ ବଡ଼ାଇ, ଜ୍ୟୋତି ମଞ୍ଜରୀ ପଟ୍ଟନାୟକ, ଲଭଲି ପଟ୍ଟନାୟକ ଓ ନିକିମା ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୂଚନାଯୋଗ୍ୟ ଯେ, ଏହି ପୂଜାରେ ବାଳିକା ଓ ମହିଳାମାନେ ନିର୍ଜଳା ଉପବାସ ରହିଥାନ୍ତି। ଅପରାହ୍ଣରେ ପୂଜା ଶେଷ ହେବା ପରେ ଫଳ ଗ୍ରହଣ କରିଥାନ୍ତି। ପରଦିନ ସକାଳେ ସ୍ନାନ କରି ଅନ୍ନ ଗ୍ରହଣ କରିଥାନ୍ତି।

## ଏନ୍‌ଏଲ୍‌ସି ବିରୋଧରେ ଶ୍ରମିକ ସଂଘର କାର୍ଯ୍ୟବନ୍ଦ



କମ୍ପାନୀ ବିରୋଧରେ କାର୍ଯ୍ୟବନ୍ଦରେ ସାମିଲ ହୋଇଥିବା ଶ୍ରମିକମାନେ।

ରେଙ୍ଗାଲି,୮।୧୧(ଡି.ଏନ.ଏ.)

ରେଙ୍ଗାଲି ବ୍ଲକ ତଲାବିରା ୨ ଓ ୩ କୋଇଲା ଖଣି ଖନନ କାର୍ଯ୍ୟ କରୁଥିବା ଏନ୍‌ଏଲ୍‌ସି କମ୍ପାନୀର ଶ୍ରମିକ ଶୋଷଣ ନୀତି ବିରୋଧରେ ସୋମବାର ବୀର ସୁରେନ୍ଦ୍ର ସାଏ ଶ୍ରମିକ ସଂଘ ପକ୍ଷରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯାଇଛି। ସଂଘ କର୍ମକର୍ତ୍ତା ଦର୍ଶାଇଥିଲେ, କେନ୍ଦ୍ର ଶ୍ରମ ଓ କୋଇଲା ମନ୍ତ୍ରଣାଳୟ ପକ୍ଷରୁ ଗତ ୩୧।୧୨।୨୦୨୦ରୁ ଠିକା ଶ୍ରମିକଙ୍କୁ ବର୍ଦ୍ଧିତ ପାରିଶ୍ରମିକ ସହ ବୋନସ ଆଦି ଠିକ୍ ସମୟରେ ପ୍ରଦାନ, ଅନ୍ୟ ମୌଳିକ ସୁବିଧା ତୁରନ୍ତ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଜାରି ହୋଇଛି। କିନ୍ତୁ ବାରମ୍ବାର ଦାବି ସତ୍ତ୍ୱେ କମ୍ପାନୀ କର୍ଣ୍ଣପାତ କରୁନାହିଁ। ଏହାର ସମାଧାନ ପାଇଁ ଗତମାସ ୧୮ତାରିଖରେ ଶ୍ରମିକ ସଂଘର ରୋହିତ ରାଉତ, ପ୍ରମୋଦ ପ୍ରଧାନ, ଦୋଳ ଗୋବିନ୍ଦ ରାଉତ, ଅରୁଣ ବିଶି ପ୍ରମୁଖ ସମ୍ବଲପୁର ଜିଲାପାଳଙ୍କୁ ଲିଖିତ ଦାବିପତ୍ର ଦେଇଥିଲେ। ନଭେମ୍ବର ସୁଦ୍ଧା ବର୍ଦ୍ଧିତ ପାରିଶ୍ରମିକ ନ ମିଳିଲେ ସଂଘ କାର୍ଯ୍ୟ ବନ୍ଦ କରିବ ବୋଲି ଚେତାବନୀ ଦେଇଥିଲା। ତଦନୁଯାୟୀ ସଂଘ ସଭାପତି କିରଣ ବେହେରା, କାର୍ଯ୍ୟକାରୀ ସଭାପତି ବାବୁଲୁ ରାଉତଙ୍କ ନେତୃତ୍ୱରେ କାର୍ଯ୍ୟବନ୍ଦ ଆରମ୍ଭ ହୋଇଛି। ଖବର ଲେଖାହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିଛି।

## ଦିଲ୍ଲୀ ଫ୍ୟାଶନ ଶୋ'ରେ ସମ୍ବଲପୁରୀ ଲେହେଙ୍ଗା

ସମ୍ବଲପୁର,୮।୧୧(ବ୍ୟୁରୋ)

ଦିଲ୍ଲୀ ରୋଜେଟ ହାଉସରେ ଆୟୋଜିତ ଦିଲ୍ଲୀ ଟାଇମ ଫ୍ୟାଶନ ଶୋରେ ସମ୍ବଲପୁରୀ ଲେହେଙ୍ଗା ସ୍ଥାନ ପାଇ ଦର୍ଶକଙ୍କ ଆଦୃତି ଲାଭ କରିଛି। ସମ୍ବଲପୁରୀ ଇକତ ଭାରତରେ ବାନ୍ଧ ଓ ରଙ୍ଗ କଳାର ସର୍ବୋତ୍ତମ ଉଦାହରଣ ବୋଲି ଖବରଦାତା ସମ୍ମିଳନୀରେ ସମ୍ବଲପୁରୀ ପୋଷାକ ଡିଜାଇନର ପ୍ରଦୀପ ସେହେରି କହିଛନ୍ତି। ସେ ଆହୁରି କହିଛନ୍ତି, ଦେଶରେ ଏକ ବଡ ପ୍ଲାଟଫର୍ମ ହେଉଛି ଟାଇମ ଫ୍ୟାଶନ ଶୋ। ଏଥିରେ ଭାଗ ନେବାବୁ ବହୁ ଦିନରୁ ପ୍ରୟାସ କରାଯାଉଥିଲା। ସମ୍ବଲପୁରୀ ପୋଷାକ ଆନ୍ତର୍ଜାତୀୟ ସ୍ତରରେ ପ୍ରଚାର ପ୍ରସାର ଦିଗରେ ଏହାର ଭୂମିକା ରହିଛି। ତେଣୁ ସମ୍ବଲପୁରୀ ଡିଜାଇନ ଓ ଇକତକୁ ଜାତୀୟ ସ୍ତରରେ ପହଞ୍ଚାଇବାକୁ ଚେଷ୍ଟା କରିଥିଲି। ଲେହେଙ୍ଗା, ଘାଗରା ଚୋଲି, କେଜୁଆଲ ପୋଷାକ ମଧ୍ୟ ଫ୍ୟାଶନ ଶୋରେ ରହିଥିଲା। ଆଗକୁ ମଧ୍ୟ ଏହି ଚେଷ୍ଟା ଜାରି ରହିବ। ଏହି କୌଳିକ ବୃତ୍ତିରୁ ଯୁବଗୋଷ୍ଠୀ ଦୂରେଇ ଯାଉଛନ୍ତି। ଏବେ କାରିଗରଙ୍କ ପାଇଁ ବଜାର ସମସ୍ୟା ନାହିଁ। ବ୍ୟବସାୟୀମାନେ ପୂର୍ବରୁ ଅଗ୍ରୀମ ନେଇ ପୋଷାକ ତିଆରି ପର୍ଯ୍ୟନ୍ତ ଅପେକ୍ଷା କରୁଛନ୍ତି। ହେଲେ ବଜାର ଚାହିଦା ମୁତାବକ ନୂତନ ଡିଜାଇନ କରିବାର ଆବଶ୍ୟକତା ରହିଛି। ବିଶ୍ୱ ଦରବାରରେ ସମ୍ବଲପୁରୀ ବସ୍ତ୍ରର ଚାହିଦା ବୃଦ୍ଧି ପାଇଛି। ସେ ଅନୁସାରେ ଡିଜାଇନ ଓ ପୋଷାକ ଯୋଗାଇ ଦିଆଯାଉ ପାରୁ ନାହିଁ। କେତେକ ଶିକ୍ଷାନୁଷ୍ଠାନ ଓ ଅଫିସରେ ସମ୍ବଲପୁରୀ ବସ୍ତ୍ର ପିନ୍ଧିବା ବାଧ୍ୟତାମୂଳକ କରାଯାଇଛି। ଏହା ସ୍ୱାଗତଯୋଗ୍ୟ ପଦକ୍ଷେପ। ହେଲେ କାରିଗରଙ୍କୁ କପଡା ଦର କମ କରିବାକୁ ଚାପ ପକାଯାଉଛି। ଫଳରେ ସମ୍ବଲପୁରୀ କପଡା ମାନ ମଧ୍ୟ କମିଯାଉଛି। କାରିଗରଙ୍କୁ ସୁହାଇଲା ଭଳି କପଡା ଦର ଦିଗରେ ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ ବୋଲି ସେ କହିଥିଲେ।


ପୋଷାକ ଡିଜାଇନର ପ୍ରଦୀପ ସେହେରି ସୂଚନା ଦେଉଛନ୍ତି।

## ଶ୍ରମିକ ସଂଘର ଇସ୍ତାହାରପତ୍ର ଉନ୍ମୋଚିତ

ରାଉରକେଲା ଅଫିସ, ୮।୧୧

ରାଉରକେଲା ଷ୍ଟିଲ ମଜଦୁର ୟୁନିୟନ ପକ୍ଷରୁ ସୋମବାର ସଂଘ କାର୍ଯ୍ୟାଳୟଠାରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏହି ସମ୍ମିଳନୀରେ ଆସନ୍ତା ୧୫ ତାରିଖରେ ହେବାକୁ ଯାଉଥିବା ରାଉରକେଲା ଷ୍ଟିଲ ପ୍ଲାଣ୍ଟ ସ୍ୱୀକୃତି ନିର୍ବାଚନ ପାଇଁ ଇସ୍ତାହାରପତ୍ର ଉନ୍ମୋଚନ କରାଯାଇଥିଲା। ଏଆଇଟିୟୁସିର ସର୍ବଭାରତୀୟ ସମ୍ପାଦକ କମ୍ରେଡ ବିଦ୍ୟାସାଗର ଗିରି ଏହାକୁ ଉନ୍ମୋଚନ କରିଥିଲେ। ସେହିପରି ବୋକାରୋ ଇସ୍ପାତ କାରଖାନା ୟୁନିୟନର ସାଧାରଣ ସମ୍ପାଦକ କମ୍ରେଡ ରାମାଶ୍ରୟ ପ୍ରସାଦ ସିଂ ପ୍ରଚାରପତ୍ର ଉନ୍ମୋଚନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସାଧାରଣ ସମ୍ପାଦକ ରମେଶ ଚନ୍ଦ୍ର ସେଠୀ, ସଭାପତି ପଶୁପତି ନାଥ ଚାଟାର୍ଜୀ, ଉପ ସଭାପତି ରମା ପର୍ବତ, କାର୍ଯ୍ୟକାରୀ ସଭାପତି କୈଳାସ ଚନ୍ଦ୍ର ନାୟକ, ଉପ ସାଧାରଣ ସମ୍ପାଦକ ନୀଳ ମାଧବ ସାହୁ, ଅକ୍ଷୟ ପଣ୍ଡା, ଅଭିମନ୍ୟୁ ମହାନ୍ତି, ପ୍ରଦୀପ ମହାନ୍ତ, ନବୀନ ପୃଷ୍ଟି, ବିଜୟ କୁମାର ମାଝୀଙ୍କ ସମେତ ବହୁ ସଭ୍ୟ ଉପସ୍ଥିତ ଥିଲେ।

## ସଖୀର ଦ୍ୱିତୀୟ ବାର୍ଷିକ ପ୍ରତିଷ୍ଠା ଦିବସ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

ଝାରସୁଗୁଡ଼ା ଅଫିସ,୮।୧୧

ଝାରସୁଗୁଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ପରିଚାଳିତ ହେଉଥିବା ସଖୀ କେନ୍ଦ୍ରର ଦ୍ୱିତୀୟ ପ୍ରତିଷ୍ଠା ଦିବସ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏସ୍‌ପି ବିକାଶ ଚନ୍ଦ୍ର ଦାସ ମୁଖ୍ୟଅତିଥି ଓ ଜିଲା ମୁଖ୍ୟ ଚିକିତ୍ସକ ଡାକ୍ତର ଲାଲମୋହନ ରାଉତରାୟ, ବାର୍ ଆସୋସିଏଶନ ସଭାପତି ତ୍ରିନାଥ ଗୁଆଲ, ଏସ୍‌ଡିପିଓ ନିର୍ମଳ ମହାପାତ୍ର, ଜିଲା ସମାଜ କଲ୍ୟାଣ ଅଧିକାରୀ ମେହରୁନ୍ ନିଶା ବେଗମ୍, ମହିଳା ସୁରକ୍ଷା ଅଧିକାରୀ ବୃନ୍ଦାବତୀ ପଣ୍ଡା, ଆଇନଜୀବୀ ବି ନାଗେଶ୍ୱରୀ, ଡାକ୍ତର ଶିଳାବନ୍ତୀ ଜୋଜ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତଥିଲେ। ସେହେତୁ ଅନୁଷ୍ଠାନର ନିର୍ଦ୍ଦେଶିକା ଆନନ୍ଦିନୀ ପାଢୀ ଅତିଥିମାନଙ୍କୁ ସ୍ୱାଗତ କରିବା ସହ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଆଶିଷ କୁମାର ପଣ୍ଡା ସଖୀର ବାର୍ଷିକ ବିବରଣୀ ପାଠ କରିବା ସହ ସଭା ପରିଚାଳନା କରିଥିଲେ। ସଖୀ କେନ୍ଦ୍ର ଦ୍ୱାରା ନିର୍ଯାତିତା ମହିଳାମାନଙ୍କୁ ସମନ୍ୱିତ ସୁବିଧା ତଥା ପୋଲିସ ସହାୟତା, ଡାକ୍ତରୀ ସହାୟତା, ଆଇନଗତ ସହାୟତା, ମନସ୍ତାତ୍ତ୍ୱିକ, ସାମାଜିକ ପରାମର୍ଶ ଓ ଆଶ୍ରୟ ସହାୟତା ପ୍ରଦାନ କରାଯାଇଥାଏ। ଝାରସୁଗୁଡା ଜିଲାରେ ସଖୀ କେନ୍ଦ୍ର ୨୦୧୯ ନଭେମ୍ବର ମାସରୁ ଆରମ୍ଭହୋଇ ଅଦ୍ୟାବଧି ୨୮୬ ମାମଲା ପଞ୍ଜୀକରଣ କରି ଏହାର ସମାଧାନ କରାଯାଇଛି। ୨୦୪ ପାରିବାରିକ ହିଂସା,୨୨ ବଳାତ୍କାର, ୭ ଅପହରଣ, ଅନ୍ୟାନ ୪୦ ମାମଲା ସମାଧାନ ହୋଇଛି। ଶେଷରେ ସଖୀ କେନ୍ଦ୍ର ପରିଚାଳିକା ମଧୁସ୍ମିତା ବରାଳ ଧନ୍ୟବାଦ ଦେଇଥିଲେ।

## ଶକ୍ତି ସଂରକ୍ଷଣ ପାଇଁ ଆର୍‌ଏସ୍‌ପି ପୁରସ୍କୃତ

ରାଉରକେଲା ଅଫିସ,୮।୧୧

ରାଉରକେଲା ଇସ୍ପାତ କାରଖାନା କନଫେଡେରେଶନ ଅଫ ଇଣ୍ଡିଆନ ଇଣ୍ଡଷ୍ଟ୍ରିଜ (ସିଆଇଆଇ) ଏନକନ ପୁରସ୍କାର-୨୦୨୧ ପ୍ରତିଯୋଗିତାରେ ଶକ୍ତି ସଂରକ୍ଷଣ ପୁରସ୍କାର ଲାଭ କରିଛି। ଆରଏସ୍‌ପିକୁ ୪.୭୫ ତାରକା ଶକ୍ତି ମୂଲ୍ୟାୟନ କରାଯାଇଥିଲା। ଯାହା ଆରଏସ୍‌ପି ପାଇଁ ସର୍ବକାଳୀନ ଶ୍ରେଷ୍ଠ ଓ ସମଗ୍ର ସେଲ୍ ମଧ୍ୟରେ ସର୍ବୋତ୍ତମ ଅଟେ। ଆରଏସ୍‌ପି ଇଡ଼ି କାର୍ଯ୍ୟାଳୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏସ୍. ଆର ସୂର୍ଯ୍ୟବଂଶୀ, ୟୁଟିଲିଟି ଓ ପରିବେଶ ବିଭାଗର ସିଜିଏମ୍ ନରେଶ କୁମାର, ଇଏମ୍‌ଡ଼ି ବିଭାଗର ଜିଏମ୍ କେ. କେ ପାଣ୍ଡେ ଏବଂ ତାଙ୍କ ବିଭାଗୀୟ ଦଳକୁ ଉକ୍ତ ଏନକନ ପୁରସ୍କାର ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

## ମହିଳା କଂଗ୍ରେସ ସଭାନେତ୍ରୀ ସମ୍ବର୍ଦ୍ଧିତ

ରାଉରକେଲା ଅଫିସ,୮।୧୧

ରାଉରକେଲା କଂଗ୍ରେସ ଭବନ କାର୍ଯ୍ୟାଳୟରେ ଜିଲା ସଭାପତି ଜର୍ଜ ତିର୍କୀଙ୍କ ଅଧ୍ୟକ୍ଷତାରେ ସୋମବାର ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଛି। ଏଥିରେ ନୂତନ କରି ଚୟନ ହୋଇଥିବା ଜିଲା ମହିଳା ସଭାପତି ନିରୂପମା ବଳିଆରସିଂ, କାର୍ଯ୍ୟକାରୀ ସଭାପତି ପ୍ରଭାତି ମିଶ୍ର ଓ ପୁଲୋସିତ ଟୁରିଆଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ତୃଣମୂଳ ସ୍ତରରେ କିଭଳି ନାରୀମାନଙ୍କ ସୁରକ୍ଷା ଓ ଆତ୍ମନିର୍ଭରଶୀଳ କରିହେବ ସେ ନେଇ କଂଗ୍ରେସ ସଭାନେତ୍ରୀ ବଳିଆରସିଂ ମତ ଦେଇଥିଲେ। ବରିଷ୍ଠ କଂଗ୍ରେସ ନେତା ବିରେନ ସେନାପତି, ସବୀର ହୁସେନ, ବିନୋଦ ତନ୍ତୀ, ଝୁନୁ ପଟ୍ଟନାୟକ, କୀର୍ତ୍ତନ ଦାସ, ପ୍ରତିମା ନାୟକଙ୍କ ସମେତ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।


ଜିଲା ମହିଳା କଂଗ୍ରେସ ସଭାନେତ୍ରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

## ବେଆଇନ ମାଟି ଉଠାଣ

ସମ୍ବଲପୁର,୮।୧୧(ବ୍ୟୁରୋ)

ଯୁଯୁମୁରା ତହସିଲ ଝାଙ୍କରପାଲି ଗ୍ରାମ ନିକଟରେ ଏକ ସରକାର ଜମି ଓ ଜଣଙ୍କ ରୟତି ଜମିରୁ ରବିବାର ରାତିରେ ମାଟି ଚାଲାଣ ହେଉଥିବା ସମୟରେ ଗ୍ରାମବାସୀ ଧରିଛନ୍ତି। ଅଭିଯୋଗ ପରେ ତହସିଲ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରାଯିବାରୁ ସେମାନେ ପଦକ୍ଷେପ ନେଇଥିବା କହିଛନ୍ତି। ଯୁଯୁମୁରା ଥାନାକୁ ଜଣାଇବା ପରେ ପୋଲିସ ୨ ହାଇୱା ଜବତ କରିଛି। ହେଲେ ଗୋଟିଏ ଜେସିବି ଓ ୨ ହାଇୱା ଘଟଣାସ୍ଥଳରୁ ଫେରାର ହୋଇଯାଇଛି। ଯୁଯୁମୁରା ତହସିଲଦାର ଅଭିଷେକ ସାହୁ ସୋମବାର ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି। ରୟତି ଓ ସରକାରୀ ଜମିରେ କେତେ ପରିମାଣ ମାଟି ଉଠାଯାଇଛି ଓ କାହାର ଜମି ରହିଛି ସେ ନେଇ ମାପଚୁପ କରିବାକୁ ସ୍ଥାନୀୟ ଆର୍‌ଆଇଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପଟେ ତାଙ୍କ ରୟତି ଜମିରୁ ବଳପୂର୍ବକ ମାଟି ଉଠାଯାଇଥିଲା ବୋଲି ଗ୍ରାମର ଲକ୍ଷ୍ମୀ ବେହେରା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ହାଇୱାକୁ ଥାନାରେ ଅଟକ ରଖିଛି। ତହସିଲ ପକ୍ଷରୁ ମାଟି ନେଉଥିବା ଗାଡି ମାଲିକଙ୍କୁ ଆବଶ୍ୟକ କାଗଜପତ୍ର ତହସିଲ ଅଫିସରେ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ରୟତି ଜମିରେ ଉଠାଯାଇଥିବା ମାଟିକୁ ପୁଣି ମାଟି ପକାଇ ସମତଳ କରିବାକୁ ଆପୋସ ବୁଝାମଣା ହୋଇଛି। ହେଲେ ସରକାରୀ ଜମିରେ କିଭଳି ବେଆଇନ ଭାବେ ମାଟି ଉଠାଯାଉଥିଲା ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ତହସିଲଦାର ସାହୁ କହିଛନ୍ତି, ମାଟି ନେଉଥିବା ବ୍ୟକ୍ତି ରାସ୍ତା କାମର କାର୍ଯ୍ୟାଦେଶ ରହିଥିବା ଆମକୁ କହିଛନ୍ତି। ସମସ୍ତ କାଗଜପତ୍ର ଯାଞ୍ଚ କରାଯିବ। ସରକାରୀ ଜମିରେ କେତେ ପରିମାଣ ମାଟି ଉଠାଯାଇଛି ସେ ନେଇ ଜରିମାନା କରାଯିବ। ରୟତି ଜମିରୁ ଯଦି ମାଟି ଉଠାଯାଇଥିବ ସେ ନେଇ ଉଭୟ ପକ୍ଷ ସମାଧାନ କରିବେ।


ଯୁଯୁମୁରା ତହସିଲଦାର ମାଟି ଖନନ ସ୍ଥାନ ଯାଞ୍ଚ କରୁଛନ୍ତି।

**୨ ହାଇୱା ଅଟକ, ଜେସିବି ଫେରାର**

## କଳା, ସଂସ୍କୃତି କଳାକାରକୁ ପରିଚୟ ଦିଏ

ରାଉରକେଲା ଅଫିସ, ୮।୧୧

ରାଉରକେଲା ସେକ୍ଟର-୧୯ ସ୍ଥିତ ସିଭିକ ସେଣ୍ଟର ପରିସରରେ 'ଏକତ୍ର' ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଡ. ସମର ମୁଦାଲିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଓଡିଶା ସଙ୍ଗୀତ ନାଟକ ଏକାଡେମୀ ସଭାପତି ପଦ୍ମଶ୍ରୀ ଅରୁଣା ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ କଳା ଓ ସଂସ୍କୃତି ହିଁ ଏକ କଳାକାରକୁ ପରିଚୟ ଦେଇଥାଏ ବୋଲି କହିଥିଲେ। ରାଉରକେଲା ଇସ୍ପାତ କାରଖାନାର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରମୋଦ କୁମାର ଶତପଥୀ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ଭାସ୍କର ଚନ୍ଦ୍ର ମହାପାତ୍ର, ଉପସଭାପତି କୈଳାସ ପାଣିଗ୍ରାହୀ ମଞ୍ଚାସୀନ ଥିଲେ। କଳାକ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ପଦ୍ମଶ୍ରୀ ଅରୁଣା ମହାନ୍ତି, ବରିଷ୍ଠ ନାଟ୍ୟ ନିର୍ଦ୍ଦେଶକ ଅଛୁ ପ୍ରଧାନ, ବିଧୂଭୂଷଣ ନନ୍ଦ, ବଟକୃଷ୍ଣ ସ୍ୱାଇଁ, ଶଙ୍କର ପ୍ରସାଦ ନାୟକ, ପିତାମ୍ବର ପୁହାଣଙ୍କୁ ଅନୁଷ୍ଠାନ ପକ୍ଷରୁ ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଉପସଭାପତି କୈଳାସ ପାଣିଗ୍ରାହୀ, ଅନୀଲ ମଲ୍ଲିକ, ନିବେଦିତା ଜେନା ମାନପତ୍ର ପାଠ କରିଥିଲେ।



ଏକତ୍ର ପକ୍ଷରୁ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।

## ଜିଲାସ୍ତରୀୟ ମହିଳା କବାଡ଼ି ଖେଳାଳି ଚୟନ

ରାଉରକେଲା ଅଫିସ,୮।୧୧

ରାଉରକେଲା ଛେଣ୍ଡ ସ୍ଥିତ ହୃଷିକେଶ ରାୟ ମହାବିଦ୍ୟାଳୟ ପରିସରରେ ସୋମବାର ଜିଲାସ୍ତରୀୟ ମହିଳା କବାଡି ଖେଳାଳି ଚୟନ ଶିବିର ଅନୁଷ୍ଠିତ ହୋଇଛି। ଏହି ଚୟନ ପ୍ରକ୍ରିୟାରେ ଜିଲାର ବିଭିନ୍ନ ଅଞ୍ଚଳରୁ ୬୦ଜଣ ଖେଳାଳି ଅଂଶଗ୍ରହଣ କରିଥିଲେ। ଜାତୀୟ କବାଡ଼ି କୋଚ୍ ଅରବିନ୍ଦ ପାତ୍ର, ରାଧାକାନ୍ତ ନାୟକ ଖେଳ ପରିଚାଳନା କରିଥିଲେ। ଶିବିରରେ ଅଂଶଗ୍ରହଣ କରିଥିବା ଖେଳାଳିମାନଙ୍କର ପ୍ରଦର୍ଶନ ଅନୁସାରେ ସେମାନଙ୍କୁ ଚୟନ କରାଯିବ। ଆସନ୍ତା ୨୭ ଓ ୨୮ ତାରିଖରେ ସୁନ୍ଦରଗଡ଼ରେ ହେବାକୁ ଥିବା ଜିଲାସ୍ତରୀୟ ଟୁର୍ନାମେଣ୍ଟରେ ଏହି ଖେଳାଳିମାନେ ଅଂଶଗ୍ରହଣ କରିବେ। ହୃଷିକେଶ ରାୟ କଲେଜର ଅଧ୍ୟକ୍ଷ ଭବେଶ ଚନ୍ଦ୍ର ସାହୁ ଓ ସମସ୍ତ ଅଧ୍ୟାପିକା ଅଧ୍ୟାପକ ସହଯୋଗ କରିଥିଲେ।

## ତେଲନଦୀ ପୋଲତଳେ ନବଜାତକର ମୃତଦେହ

ଗୁଡଭେଲା,(ଡି.ଏନ.ଏ.): ବଲାଙ୍ଗୀର ଜିଲା ତୁଷୁରା ନିକଟ ତେଲନଦୀ ପୋଲ ତଳେ ସୋମବାର ଏକ ନବଜାତ ଶିଶୁର ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଥିଲା। ଶିଶୁ ଦେହରେ ସାଲାଇନ ପ୍ଲାଷ୍ଟର ଲାଗିଥିବା ଦେଖାଯାଇଛି। ଏହି ଶିଶୁକୁ କିଏ ଏଠାରେ ଫିଙ୍ଗି ଦେଇଛି ଜଣାପଡିନାହିଁ । ଖବର ପ୍ରଚାରିତ ହେବାପରେ ସେଠାରେ ଭିଡ଼ ପରିଲକ୍ଷିତ ହୋଇଥିଲା। ଖବର ପାଇ ତୁଷରା ପୋଲିସ ଟିମ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ଭତ୍ତା ପାଇଁ ଯିବାକୁ ପଡୁଛି ୧୪କିମି

ବିନିକା,୮।୧୧(ଡି.ଏନ୍.ଏ)

- ସ୍ୱତନ୍ତ୍ର ପଞ୍ଚାୟତ ଗଠନ ନ ହେଲେ ବିକାଶ ହେବନି: ଅରିଗାଁ ଗ୍ରାମବାସୀ
- ଅଙ୍ଗନୱାଡ଼ି କେନ୍ଦ୍ର ଅଧାପନ୍ତରିଆ
- ସ୍କୁଲ ପାଚେରି କାମ ବି ସରିନି

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ବାଙ୍କିଘିର୍ଡି ପଞ୍ଚାୟତ ଅନ୍ତର୍ଗତ ଅରିଗାଁ ଗ୍ରାମ। ଏହି ଗାଁର ଜନସଂଖ୍ୟା ୨ହଜାରରୁ ଉର୍ଦ୍ଧ୍ୱ। ଅରିଗାଁକୁ ଏକ ସ୍ୱତନ୍ତ୍ର ଗ୍ରାମ ପଞ୍ଚାୟତଭାବେ ଘୋଷଣା କରିବା ପାଇଁ ଦୀର୍ଘଦିନ ହେଲା ଦାବି ହୋଇ ଆସୁଛି। ହେଲେ ପ୍ରଶାସନ ଏଥିପ୍ରତି ଧ୍ୟାନ ଦେଉନାହିଁ। ଏହିଭଳି ଅଭିଯୋଗ କରି ସ୍ୱତନ୍ତ୍ର ଅରିଗାଁ ଗ୍ରାମ ପଞ୍ଚାୟତ ଗଠନ କରିବାକୁ ପୁଣି ଥରେ ଦାବି ଉଠିଛି। ଅରିଗାଁ ଗ୍ରାମବାସୀଙ୍କ ଯୁକ୍ତି ହେଲା ପଞ୍ଚାୟତ ହେଡକ୍ୱାର୍ଟର୍ସ ବାଙ୍କିଘିର୍ଡି ଯିବାକୁ ହେଲେ ସେମାନଙ୍କୁ ଗାଁଠାରୁ ୧୪କିମି ଅତିକ୍ରମ କରି ଯିବାକୁ ପଡୁଛି। ବୃଦ୍ଧାବୃଦ୍ଧମାନେ ମାସିକ ଭତ୍ତା ପାଇଁ ବଡକଷ୍ଟରେ ପଞ୍ଚାୟତ ଅଫିସକୁ ଯାଉଛନ୍ତି। ଏଥିପାଇଁ ଆର୍ଥିକ ଖର୍ଚ୍ଚାନ୍ତ ହେବାକୁ ବି ପଡୁଛି। ପିଡିଏସ୍ ସାମଗ୍ରୀ ଆଣିବାକୁ ମଧ୍ୟ ସମାନ ପରିସ୍ଥିତିର ସମ୍ମୁଖୀନ ହେଉଛନ୍ତି ଗାଁର ହିତାଧିକାରୀମାନେ। ଏତଦ୍ବ୍ୟତୀତ ପଞ୍ଚାୟତ ଅଫିସକୁ ଅନ୍ୟ କୌଣସି କାର୍ଯ୍ୟରେ ଯିବାକୁ ହେଲେ ଲୋକେ ନାହିଁ ନ ଥିବା ଅସବୁଧାର ସମ୍ମୁଖୀନ ହେଉଛନ୍ତି। ପଞ୍ଚାୟତ ମୁଖ୍ୟାଳୟରୁ ବହୁ ଦୂରରେ ଅବସ୍ଥିତ ହୋଇଥିବାରୁ ଗାଁରେ ଚାଲିଥିବା ବହୁ ଉନ୍ନୟନ ପ୍ରକଳ୍ପ ମନ୍ଥର ଗତିରେ ଚାଲିଛି। ୨୦୧୬-୧୭ ଆର୍ଥିକ ବର୍ଷରୁ ଗ୍ରାମର ୧ ନଂ ଏବଂ ୩ ନମ୍ବର ଅଙ୍ଗନୱାଡ଼ି କେନ୍ଦ୍ରର ନିର୍ମାଣ କାମ ଆରମ୍ଭ ହୋଇଥିଲେ ହେଁ ସମ୍ପୂର୍ଣ୍ଣ ହୋଇ ପାରିନାହିଁ। ଫଳରେ ଉଭୟ କେନ୍ଦ୍ରରେ ଥିବା ୫୪ଜଣ ଶିଶୁଙ୍କ ପ୍ରିସ୍କୁଲ ବାଧାପ୍ରାପ୍ତ ହେଉଛି । ଅରିଗାଁ ପ୍ରାଥମିକ ସ୍କୁଲ ଜିଲାରେ ସର୍ବଶ୍ରେଷ୍ଠ ସ୍କୁଲଭାବେ ୨ଥର ଜିଲା ପ୍ରଶାସନ ପକ୍ଷରୁ ମାନ୍ୟତା ପାଇଛି। ହେଲେ ଶିକ୍ଷାନୁଷ୍ଠାନର ପାଚେରି ନିର୍ମାଣ କାମ ଅସମ୍ପୂର୍ଣ୍ଣ ରହିଛି। ଏଥିଯୋଗୁ ସ୍କୁଲ ପରିସର ବୁଲା ଗୋରୁ ଓ ଅସାମାଜିକ ତତ୍ତ୍ୱଙ୍କ ଚରାଭୂଇଁ ପାଲଟିଛି।


ଅଧାପନ୍ତରିଆ ହୋଇ ପଡି ରହିଥିବା ଅଙ୍ଗନୱାଡ଼ି କେନ୍ଦ୍ର।

ଅରିଗାଁ ଗ୍ରାମ ଜୀରାନଦୀ କୂଳରେ ଅବସ୍ଥିତ । ଏଠାକାର ଲୋକେ ନଦୀରେ ସ୍ନାନଶୌଚ ଆଦି କାମ କରିଥାନ୍ତି। ହେଲେ ଗାଁରୁ ନଦୀକୁ ଯାଇଥିବା ରାସ୍ତା ଶୋଚନୀୟ ଅବସ୍ଥାରେ ରହିଛି। ଏହାର ଉନ୍ନତୀକରଣ ଦିଗରେ କୌଣସି ପଦକ୍ଷେପ ନିଆଯାଉ ନାହିଁ। ବହୁ ଯୋଗ୍ୟ ହିତାଧିକାରୀ ଥିଲେ ହେଁ ଆବାସ ଯୋଜନାରୁ ବଞ୍ଚିତ ରହିଛନ୍ତି। ତେଣୁ ଜନସାଧାରଣଙ୍କ ହିତ ଦୃଷ୍ଟିରୁ ଜିଲା ପ୍ରଶାସନ ଅରିଗାଁକୁ ଅବିଳମ୍ବେ ଏକ ପଞ୍ଚାୟତର ମାନ୍ୟତା ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏଥିପାଇଁ ପଡୋଶୀ ଅନ୍ୟ କେତୋଟି ଗାଁକୁ ଏହି ପଞ୍ଚାୟତରେ ସାମିଲ କରି ନୂତନ ପଞ୍ଚାୟତ ଗଠନ କରିବାରେ ସମସ୍ୟା କେଉଁଠି ବୋଲି ଗ୍ରାମର କୁନି ବାଘ, ତପସ୍ୱିନୀ ନନ୍ଦ, ଅନୁପମା ଭରାସାଗର, ତପ ପେରା, ସବିତା ପେରା, ସୁମେଧା ଭରାସାଗର, ସୁଜାତା ଭରାସାଗର, ସନ୍ତୋଷ ଭୂଏ ପ୍ରମୁଖ କହିଛନ୍ତି।

## ସଂକ୍ଷେପରେ

### ଲୋଇସିଂହାରେ ଭାଜପା କର୍ମୀଙ୍କ ପ୍ରତିବାଦ



ଲୋଇସିଂହା,୮।୧୧(ଡି.ଏନ.ଏ): ମମିତା ମେହେରଙ୍କୁ ନ୍ୟାୟ ପ୍ରଦାନ ଦାବିରେ ବଲାଙ୍ଗୀର ଜିଲା ଲୋଇସିଂହାଠାରେ ଭାଜପା ପକ୍ଷରୁ ଅଭିନବ ପ୍ରତିବାଦ କରାଯାଇଛି। ମଣ୍ଡଳ ସଭାପତି ସରୋଜ ସାହୁଙ୍କ ନେତୃତ୍ୱରେ ଭାଜପା କର୍ମୀମାନେ ବସ୍ତି ରେଳ ଫାଟକରୁ ବଲାଙ୍ଗୀର-ବରଗଡ ୨୬ ନଂ ଜାତୀୟ ରାଜପଥର ପଦ୍ମପୁର ଛକ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀଙ୍କ ଏକ ପ୍ରତିକାତ୍ମକ ଶବ ଶୋଭାଯାତ୍ରା କରିଥିଲେ । ଛାରିଛକଠାରେ ଭୂତନାଥ ନାଏକଙ୍କ ସଂଯୋଜନାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ବାଳକୃଷ୍ଣ ଧରୁଆ, ସୁନୀଲ ଦାସ, ଜ୍ୟୋତିର୍ମୟ ରାଉତ, ଲେକ୍କୁ ତ୍ରିପାଠୀ,ରଘୁନାଥ ସାହୁ ପ୍ରମୁଖ ରାଜ୍ୟ ସରକାରଙ୍କ ଉପରେ ବିଷୋଦଗାର କରିଥିଲେ। ଶେଷରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ରାଜ୍ୟ ଗୃହରାଷ୍ଟ୍ର ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଏବଂ ଆଇନ ମନ୍ତ୍ରୀ ପ୍ରତାପ ଜେନାଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା।

### କଣ୍ଟାବାଞ୍ଜି ଆରଏମସି: ବାହାରିଲା କପା ବିକ୍ରୟ ପ୍ରଚାର ରଥ



କଣ୍ଟାବାଞ୍ଜି,୮।୧୧(ଡି.ଏନ.ଏ.): ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ନିୟନ୍ତ୍ରିତ ବଜାର କମିଟି(ଆରଏମସି) ପକ୍ଷରୁ ସୋମବାର କପା ବିକ୍ରୟ ପ୍ରଚାର ରଥର ଶୁଭାରମ୍ଭ କରାଯାଇଛି । ଏହି ରଥ ଆରଏମ୍‌ସି ଅଧୀନ ଟିଟିଲାଗଡ ଉପଖଣ୍ଡର ତୁରେକେଲା, ବଙ୍ଗୋମୁଣ୍ଡା, ମୁରିବାହାଲ, ଟିଟିଲାଗଡ, ସଇଁତଲା ବ୍ଲକ ଅଞ୍ଚଳରେ ପରିକ୍ରମା କରିବ। କପାଚାଷୀଙ୍କୁ ସରକାରଙ୍କ ଧାର୍ଯ୍ୟ ମୂଲ୍ୟ ଅନୁସାରେ କଣ୍ଟାବାଞ୍ଜି ମୁଖ୍ୟ ବଜାର ଓ ଉପବଜାର ପ୍ରାଙ୍ଗଣ ଟିଟିଲାଗଡରେ ସରକାରୀ ଛୁଟି ଦିନ ବ୍ୟତୀତ ଅନ୍ୟ ଦିବସରେ କପା ବିକ୍ରୟ କରିବା ପାଇଁ ରଥ ମାଧ୍ୟମରେ ସୂଚନା ଦିଆଯାଉଛି। ଆରଏମ୍‌ସି ବ୍ୟତୀତ କପାଚାଷୀମାନେ ଅନ୍ୟ କେଉଁଠି ବିକ୍ରି କରି କ୍ଷତିରେ ନ ପଡିବାକୁ ରଥ ଚାଷୀଙ୍କୁ ସଚେତନ କରୁଛି। ପ୍ରଥମ ଦିବସରେ ସଚେତନତା ରଥ ତୁରେକେଲା ବ୍ଲକର ତୁରେକେଲା, ମହୁଲପାଟି, ଢୋଲମାନ୍ଦଲ, ବଡଡକଲା, ବଡବାଙ୍କି, ଘୁନେଶ, ମହଖଣ୍ଡ, କୁହିବାହାଲ ପଞ୍ଚାୟତର ବିଭିନ୍ନ ଗ୍ରାମ ପରିକ୍ରମା କରିଛି। ଟିଟିଲାଗଡ ଉପଜିଲାପାଳ ତଥା କଣ୍ଟାବାଞ୍ଜି ଆରଏମସି ଅଧକ୍ଷ ମନୋଜ ସତ୍ୟବାନ ମହାଜନ, ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ତୁଷାରକାନ୍ତ ସେଠୀଙ୍କ ନିର୍ଦ୍ଦେଶରେ ଶୁଭାରମ୍ଭ ହୋଇଛି । ଏହି କାର୍ଯ୍ୟକ୍ରମରେ ଆରଏମ୍‌ସି କାର୍ଯ୍ୟାଳୟର କର୍ମଚାରୀମାନେ ଉପସ୍ଥିତ ଥିଲେ।

### ସଂଗ୍ରାମ କେଶରୀ ନୂଆପଡ଼ାର ନୂତନ ଜିଲା ଦୌରାଜଜ୍

ନୂଆପଡ଼ା ଅଫିସ,୮।୧୧: ନୂଆପଡା ଜିଲାର ନୂତନ ଜିଲା ଦୌରାଜଜ୍ ଭାବେ ସଂଗ୍ରାମ କେଶରୀ ପଟ୍ଟନାୟକ ସୋମବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଆଜି ତାଙ୍କର ନୂତନ ଦାୟିତ୍ୱ ଗ୍ରହଣ ପରେ ଜିଲା ଓକିଲ ସଂଘ ସଭାପତି ପ୍ରସନ୍ନ କୁମାର ପାଢ଼ୀ, ସମ୍ପାଦକ ଅଶ୍ୱନୀ କୁମାର ବାଗ ପ୍ରମୁଖ ସାକ୍ଷାତ କରି ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ।

### ନୂତନ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

ତୁଣ୍ଡଲା,୮।୧୧(ଡି.ଏନ.ଏ.): କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ବେଲଖଣ୍ଡି ପଞ୍ଚାୟତ ଡିଗ୍ରୀ ମହାବିଦ୍ୟାଳୟଠାରେ ନୂତନ ଛାତ୍ରୀଛାତ୍ରମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। କଲେଜ ଅଧକ୍ଷ ଦୁର୍ଯ୍ୟୋଧନ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଅଧ୍ୟାପକ ଦୁର୍ଯ୍ୟୋଧନ ବିଶୋଇ, ଅଧ୍ୟାପକ ସଦାନନ୍ଦ ସତପଥୀ, ନିରଞ୍ଜନ ମାଝି, ମଦନ ମୋହନ ସାହୁ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ଛାତ୍ରୀ ସଙ୍ଗୀତା, ବାସନ୍ତୀ, ମମତା, ରୀନା ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଏହି ଅବସରରେ ଅଧକ୍ଷ ସମସ୍ତ ଛାତ୍ରୀଛାତ୍ରମାନଙ୍କୁ ସମୟାନୁବର୍ତ୍ତି ହୋଇ କର୍ତ୍ତବ୍ୟ ନିଷ୍ଠା ହେବାକୁ ପରାମର୍ଶ ଦେଇଥିଲେ। ଏଥିରେ ଛାତ୍ର ଦଳଗୋବିନ୍ଦ, ଆକାଶ, ମହେଶ, ଶ୍ରିତମ ପ୍ରମଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କୋଭିଡ୍ ନିୟମ ଅନୁସାରରେ ସମସ୍ତ କାର୍ଯ୍ୟକ୍ରମ କରାଯାଇଥିଲା।

## ନିଆଁ ଲାଗି ୨ ବଖରା ଭସ୍ମୀଭୂତ, ପରିବାର ବେସାହାରା

ବାଉଁଶୁଣୀ, ୮।୧୧(ଡି.ଏନ.ଏ.)

କଣ୍ଟାମାଳ ବ୍ଲକ ଖୁଣ୍ଟି ଗୋରା ପଞ୍ଚାୟତ ଅନ୍ତର୍ଗତ ପତିମାଲ ଗାଁରେ ଜଣକ ଘରେ ନିଆଁ ଲାଗି ଘରର ସମସ୍ତ ଜିନିଷ ପୋଡି ନଷ୍ଟ ହୋଇଯାଇଛି। ମିଳିଥିବା ସୂଚନା ଅନୁସାରେ ରବିବାର ଏହି ଗାଁର ରାମ କବାଟଙ୍କ ଘରେ କୌଣସି କାରଣରୁ ନିଆଁ ଲାଗି ଅନେକ ଜିନିଷପତ୍ର ପୋଡ଼ିଯାଇଛି। ଖବରପାଇ କଣ୍ଟାମାଳରୁ ଦମକଳ ଯାଇ ନିଆଁକୁ ଆୟତ୍ତ କରିଥିଲା। ରାମ କବାଟ ଜଣେ ଗରିବ ଶ୍ରେଣୀର ହୋଇଥିବାରୁ ଗ୍ରାମବାସୀ ସହାୟତା ପାଇଁ ଦାବି କରିଛନ୍ତି। କଣ୍ଟାମାଳ ଦମକଳ କେନ୍ଦ୍ର ଅଧିକାରୀ ପ୍ରଦୀପ ଖଡିଆଙ୍କ ସହ ଯୋଗାଯୋଗ କରିବାରୁ ବହୁ ଜିନିଷପତ୍ର ପୋଡ଼ିଯାଇଥିବା ସେ କହିଛନ୍ତି। ତୁରନ୍ତ ଜିଲା ପ୍ରଶାସନ ଏହି ଗରିବ ପରିବାରରେ ଉପରେ ଦୃଷ୍ଟି ଦେଇ ସରକାରୀ ସହାୟତା ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ସିବିଆଇ ତଦନ୍ତ, ମନ୍ତ୍ରୀଙ୍କ ବହିଷ୍କାର ଦାବିରେ ବିକ୍ଷୋଭ

ସୋନପୁର/ ଡୁଙ୍ଗୁରିପାଲି/ଅମରପାଲି/ ତରଭା ବେଲପଡା/ଖପ୍ରାଖୋଲ/ ଦେଓଗାଁ , ୮।୧୧(ନି.ପ୍ର./ଡି.ଏନ.ଏ.)

ମମିତା ମେହେର ହତ୍ୟା ଘଟଣାର ସିବିଆଇ ତଦନ୍ତ, ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁଙ୍କ ଘନିଷ୍ଠ ତଥା ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଓ ମାହାଙ୍ଗା ଡବଲ ମର୍ଡର ଘଟଣାର ଅନ୍ୟତମ ଅଭିଯୁକ୍ତ ଆଇନ ମନ୍ତ୍ରୀ ପ୍ରତାପ ଜେନାଙ୍କୁ ମନ୍ତ୍ରୀ ମଣ୍ଡଳରୁ ବହିଷ୍କାର ଦାବି କରିଛି ଭାଜପା। ସୋମବାର ସୁବର୍ଣ୍ଣପୁର ଓ ବଲାଙ୍ଗୀର ଜିଲାର ବିଭିନ୍ନ ସ୍ଥାନରେ ଦଳ ପକ୍ଷରୁ ବିକ୍ଷୋଭ ପ୍ରଦାନ କରାଯାଇଥିଲା।

ଭାଜପା ପକ୍ଷରୁ ସୋନପୁର ବ୍ଲକ ଓ ସୁବର୍ଣ୍ଣପୁର ମ୍ୟୁନିସିପାଲିଟି ଅଫିସ ସମ୍ମୁଖରେ ଜିଲା ସଭାପତି ପ୍ରମୋଦ ମହାପାତ୍ରଙ୍କ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଦଳ ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଗୃହ ରାଷ୍ଟ୍ରମନ୍ତ୍ରୀ ମିଶ୍ର ଓ ଆଇନ ମନ୍ତ୍ରୀ ଜେନାଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ସଞ୍ଜୁକ୍ତା ହୋତା, ସୁନିତା ଗିରି, ସୁଦେଷ୍ଣା ନେଗୀ, ସାନନ୍ଦ ମେହେର, ଜିଲା ପରିଷଦ ସଭ୍ୟ ପୂର୍ଣ୍ଣଚନ୍ଦ୍ର ବିଶି, ଜଗତ୍‌ଜ୍ୟୋତି ତ୍ରିପାଠୀ, କେଦାର ମିଶ୍ର ଆନ୍ଦୋଳନର ନେତୃତ୍ୱ ନେଇଥିଲେ।

ଡୁଙ୍ଗୁରିପାଲି ଭାଜପା ପକ୍ଷରୁ ମଣ୍ଡଳ ସଭାପତି ନିତେଇ ପାଲଙ୍କ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଦଳର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ ପୂଝାରୀ, ରାଜ୍ୟ ଓବିସି ମୋର୍ଚ୍ଚାର ରୁଦ୍ରକିଶୋର ମହଲା, ସୁଦାମ ସାହୁ, ସୁଶାନ୍ତ ସାହ ପ୍ରମୁଖ ଉପସ୍ଥିତ ଥିଲେ।

ବୀରମହାରାଜପୁର ଭାଜପା ତରଫରୁ ବ୍ଲକ ଅଫିସ ସମ୍ମୁଖରେ ଅନୁଷ୍ଠିତ ବିକ୍ଷୋଭ କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧ୍ୟକ୍ଷା ଉଷା କୁମାରୀ, କିଶୋର ହୋତା, ନଳିନୀ ପଣ୍ଡା, ଜିଲା ପରିଷଦ ସଭ୍ୟା ଗାୟତ୍ରୀ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଭାଜପା ତରଭା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଦଳୀୟ କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏଥିରେ ସୁରେଶ ମହଲା, ରାଜକିଶୋର ମେର୍ଲି, ରାମନାରାୟଣ ବେଜ, ଅଭି ଘିବେଲା, ମୁଚରାମ ମେଣ୍ଡଲ ପ୍ରମୁଖ ସାମିଲ ଥିଲେ।

ବେଲପଡା ଭାଜପା ପକ୍ଷରୁ ସ୍ଥାନୀୟ ବ୍ଲକ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ନୀଳ ପାଣୀଗ୍ରାହୀଙ୍କ ନେତୃତ୍ୱରେ ମହେନ୍ଦ୍ର ସେଠ, ଶୋଭାକର ମେହେର, କୁନୁ ମୁଣ୍ଡା, ନସିଂହ ପଣ୍ଡା, ବିଭୂତି ନାଏକ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ସେହିପରି ଖପ୍ରାଖୋଲ ବ୍ଲକ ଭାଜପା ତରଫରୁ ବ୍ଲକ ଅଫିସ ସମ୍ମୁଖରେ ପ୍ରତିବାଦ ସଭା କରାଯାଇଥିଲା। ବିକ୍ଷୋଭ ଶୋଭାଯାତ୍ରାରେ ପୂର୍ବତନ ବିଧାୟକ କନକବର୍ଦ୍ଧନ ସିଂଦେଓ, ଏମ୍‌ପି ପ୍ରତିନିଧି କର୍ଣ୍ଣସିଂ ଠାକୁର, ଦେବକାନ୍ତ ପାଣିଗ୍ରାହୀ, ଶଶି ପୂଝାରୀ, ଉପେନ୍ଦ୍ର ଭୋଇ, ସତ୍ୟାନନ୍ଦ ସେହ୍ରିଆ ସାମିଲ ହୋଇଥିଲେ। ଅନୁରୂପଭାବେ ଦେଓଗାଁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଏମପିଙ୍କ ବ୍ଲକ ପ୍ରତିନିଧି ଅମିତ କୁମାର ସିଂ ନିନାଙ୍କ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ବନ୍ଧପଡା ମଣ୍ଡଳ ସଭାପତି ବାସୁଦେବ ସିଂ ନିନା, ଶଶୀ ପାଣିଗ୍ରାହୀ, ପୀତାମ୍ବର ପଧାନ, ଯୁଗେଶ୍ୱର ସାହୁ ପ୍ରମୁଖ ଯୋଗଦେଇଥିଲେ।


ସୋନପୁର ବ୍ଲକ ସମ୍ମୁଖରେ ଭାଜପା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ଜାତୀୟ ତୀରନ୍ଦାଜୀ ପାଇଁ ଚୟନ,ପ୍ରଶିକ୍ଷଣ ଶିବିର

ଅମରପାଲି, ୮।୧୧(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଗାୟତ୍ରୀ ଆବାସିକ ଶିକ୍ଷା ନିକେତନଠାରେ ସୋନପୁର ଓ ବୌଦ୍ଧ ଜିଲା ତୀରନ୍ଦାଜ ସଂଘ ମିଳିତ ଆନୁକୂଲ୍ୟରେ ଜାତୀୟ ତୀରନ୍ଦାଜୀ ପାଇଁ ଚାଲିଥିବା ଦୁଇଦିନିଆ ଚୟନ ଓ ପ୍ରଶିକ୍ଷଣ ଶିବିର ସୋମବାର ଉଦ୍‌ଯାପିତ ହୋଇଛି। ଏଥିରେ ୪ଜଣ ପୁଅ ଓ ୪ଜଣ ଝିଅଙ୍କୁ ଜାତୀୟସ୍ତରରେ ଅଂଶଗ୍ରହଣ ପାଇଁ ମନୋନୀତ କରାଯାଇଥିଲା। ସେମାନେ ଆସନ୍ତା ୨୪ତାରିଖ ଯାଏ ଗାୟତ୍ରୀ ଆବାସିକ ଶିକ୍ଷା ନିକେତନଠାରେ ପ୍ରଶିକ୍ଷଣ ଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି। ଉଦ୍‌ଯାପନୀ ଉତ୍ସବରେ ବୀରମହାରାଜପୁର ଅତିରିକ୍ତ ତହସିଲଦାର ସ୍ୱାଗତ କୁମାର ପଣ୍ଡା, ଗୋରେଖନାଥ ସାହୁ, ଶିକ୍ଷାବିତ୍ ବ୍ରଜମୋହନ ଦାନୀ, ଯୁଗଳ କିଶୋର ମିଶ୍ର, ସାମ୍ବାଦିକ ରବୀନ୍ଦ୍ର ହୋତା, ଟାଇକୋଣ୍ଡୋ ଖେଳାଳି ଏହେସାସ ହୋତା, ବୌଦ୍ଧ ତୀରନ୍ଦାଜ ସଂଘ ସଭାପତି ସୂର୍ଯ୍ୟକାନ୍ତ ଦଳବେହେରା ଓ ସମ୍ପାଦକ କୃଷ୍ଣଚନ୍ଦ୍ର ସେଠୀ ଅତିଥିଭାବେ ଯୋଗ ଦେଇଥିଲେ । ସୁବର୍ଣ୍ଣପୁର ଜିଲା ସମ୍ପାଦକ ପଙ୍କଜ ଖମାରୀ ସଭାରେ ଅଧ୍ୟକ୍ଷତା କରିଥିଲେ। ଗାୟତ୍ରୀ ଆବାସିକ ଶିକ୍ଷା ନିକେତନ ସମ୍ପାଦକ ଶତ୍ରୁଘ୍ନ ମେହେର ସଭା ସଂଯୋଜନା କରିଥିଲେ । ରବିବାର ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ପ୍ରବୀର କୁମାର ଦାଶ ମୁଖ୍ୟ ଅତିଥି ଏବଂ ସୋନପୁର ବିଜୁ ପଟ୍ଟନାୟକ ମହିଳା ମହାବିଦ୍ୟାଳୟ ଅଧ୍ୟାପକ ଦୁଃଖିଶ୍ୟାମ ମେହେର, ତୀରନ୍ଦାଜ ସଂଘ ରାଜ୍ୟ ଯୁଗ୍ମ ସମ୍ପାଦକ କୃଷ୍ଣଚନ୍ଦ୍ର ସେଠୀ, ବୌଦ୍ଧ ତୀରନ୍ଦାଜ ସଂଘ ସମ୍ପାଦକ ଅର୍ଜ୍ଜୁନ କହଁର, ସୋନପୁର ଜିଲା ତୀରନ୍ଦାଜ ସଂଘ ସଭାପତି ପ୍ରଦୀପ ପଣ୍ଡା, ସୋନପୁର ଜିଲା ସମ୍ପାଦକ ପଙ୍କଜ ଖମାରୀ, ଯୁଗ୍ମ ସମ୍ପାଦକ ରବୀନ୍ଦ୍ର ହୋତା, ଉପସଭାପତି ରବିଚନ୍ଦ୍ର ପେରା, ସହସମ୍ପାଦକ ଅଭିନନ୍ଦନ ପୁଜାହାରୀ ଓ ଗାୟତ୍ରୀ ଆବାସିକ ଶିକ୍ଷା ନିକେତନ ସମ୍ପାଦକ ମେହେର ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ।


ବୀରମହାରାଜପୁରରେ ଜାତୀୟ ତୀରନ୍ଦାଜ ଚୟନ,ପ୍ରଶିକ୍ଷଣ ଶିବିରରେ ତୀରନ୍ଦାଜୀମାନେ।

## ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ନାଗରିକ କମିଟିର ଧାରଣା ୧୦ରେ

ବୌଦ୍ଧ,୮।୧୧(ସ୍ୱ.ପ୍ର.)

ରାଜ୍ୟ ସରକାର ପୌର ନିର୍ବାଚନ ନେଇ ୱାର୍ଡ ଓ କର୍ପୋରେଟ ଗୁଡିକର ସୀମା ନିର୍ଦ୍ଧାରଣ ନେଇ ବିଜ୍ଞପ୍ତି ଜାରି କରିଥିବାବେଳେ କିନ୍ତୁ ବୌଦ୍ଧ ଜିଲାବାସୀଙ୍କ ଦୀର୍ଘ ଦିନର ଦାବି ଉତ୍ତରାଞ୍ଚଳ ରାଜସ୍ୱ ଡିଭିଜନରେ ସାମିଲ ଓ ବିଜ୍ଞାପିତ ଅଞ୍ଚଳ ପରିଷଦକୁ ପୌରପରିଷଦ ମାନ୍ୟତା ସରକାରଙ୍କ ନାଲିଫିତା ତଳେ ରହିଯାଇଥିବା ମନେହେଉଛି। ତେବେ ଦୀର୍ଘ ଦିନରୁ ବୌଦ୍ଧକୁ ପୌରପରିଷଦ ଘୋଷଣା କରାଯିବାକୁ ସଂଗ୍ରାମ ଜାରି ରଖିଥିବା ବୌଦ୍ଧ ନାଗରିକ କମିଟି ଆସନ୍ତା ୧୦ତାରିଖ ଏଥିପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବାକୁ ନିଷ୍ପତି ଗ୍ରହଣ କରିଛି। ଏଥିରେ ଜିଲାର ଜନସାଧାରଣ ସାମିଲ ହେବାକୁ ନିବେଦନ କରାଯାଇଛି। ଏନେଇ ନାଗରିକ କମିଟିର ସମ୍ପାଦକ ବିଶେଶ୍ୱର ପୃଷ୍ଟି ଜଣାଇଛନ୍ତି।

## ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କୁ ସହାୟକ ଉପକରଣ ବଣ୍ଟନ

ଟିଟିଲାଗଡ଼, ୮।୧୧ (ଡି.ଏନ.ଏ.)

ବଲାଙ୍ଗୀର ଜିଲା ଟିଟିଲାଗଡ ବିଆରସିସି କାର୍ଯ୍ୟାଳୟ ପଡିଆରେ ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ସୋମବାର ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କୁ ସହାୟକ ଉପକରଣ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ତହସିଲଦାର ପ୍ରେମଲାଲ ହିଆଲ ମୁଖ୍ୟ ଅତିଥିଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଭିନ୍ନକ୍ଷମଙ୍କ କଲ୍ୟାଣ ପାଇଁ ରହିଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଭିନ୍ନକ୍ଷମଙ୍କୁ ୬୭ଟି ସହାୟକ ଉପକରଣ ବଣ୍ଟନ କରାଯାଇଥିଲା। ବ୍ଲକ ଶିକ୍ଷା ଅଧିକାରୀ ମକୁନ୍ଦ ମହରା, ବରିଷ୍ଠ ଭୂଅଧିଗ୍ରହଣ ବିଭାଗ କିରାଣି ଟିକେଲାଲ ବେହେରା, ସିଆରସିସି ଚୈତନ୍ୟ ଭୋଇ ମଞ୍ଚାସୀନ ଥିଲେ। ଜାମପଡା ପ୍ରଧାନଶିକ୍ଷକ ବିଶ୍ୱନାଥ ମିଶ୍ର ସଭା ପରିଚାଳନା କରିଥିଲେ।

## ଜିଲାପାଳ ଅଫିସ ସମ୍ମୁଖରେ ଭାଜପାର ବିକ୍ଷୋଭ

ବଲାଙ୍ଗୀର ଅଫିସ, ୮।୧୧

### ମୁଖ୍ୟମନ୍ତ୍ରୀଙ୍କ କଳାହାଣ୍ଡି ଗସ୍ତକୁ ବିରୋଧ

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କଳାହାଣ୍ଡି ଗସ୍ତକୁ ବିରୋଧ କରି ଭାଜପା ପକ୍ଷରୁ ସୋମବାର ବଲାଙ୍ଗୀର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ମମିତା ମେହେର ହତ୍ୟାକାଣ୍ଡକୁ ମାସେ ବିତିଯାଇଥିଲେ ମଧ୍ୟ ଏଥିରେ ସମ୍ପୃକ୍ତ ଥିବା ଦର୍ଶାଇ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ରଙ୍କୁ ମନ୍ତ୍ରୀମଣ୍ଡଳରୁ ବହିଷ୍କାର ନ କରି ସୁରକ୍ଷା ଦେଇଥିବା ଆଜି ପ୍ରମାଣିତ ହୋଇଛି ବୋଲି ଅଭିଯୋଗ କରାଯାଇଥିଲା। ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ ତାଙ୍କ ବକ୍ତବ୍ୟରେ ଓଡ଼ିଶାରେ ମହିଳାମାନେ ସୁରକ୍ଷିତ ନାହାନ୍ତି, ମମିତା ଏହାର ସଦ୍ୟତମ ଉଦାହରଣ ବୋଲି କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଆଇନମନ୍ତ୍ରୀ ପ୍ରତାପ ଜେନା, ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲା ସଭାପତି ଶିବାଜୀ ମହାନ୍ତି, ମହିଳା ମୋର୍ଚ୍ଚା ସଭାନେତ୍ରୀ ପଙ୍କଜିନୀ ପଣ୍ଡା, ଅନନ୍ତ ଦାଶ, ରାକେଶ ମିଶ୍ର, ପିତାମ୍ବର ଖମାରୀ, ଦିନେଶ ଶର୍ମା, ବବି ମିଶ୍ର ଏବଂ ଶତାଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।


ଜିଲାପାଳ ଅଫିସ ସମ୍ମୁଖରେ ଭାଜପା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ଖଇରମାଲ, ଖୁଣ୍ଟୁଲାପାଲି ଫାଇନାଲରେ

ଅମରପାଲି, ୮।୧୧(ଡି.ଏନ.ଏ.)

### ସଞ୍ଜୟ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଦାଦରପାଲିଠାରେ ସଞ୍ଜୟ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ରଞ୍ଜିତ ଖେତି ମୁଖ୍ୟ ଅତିଥି ଏବଂ କ୍ରୀଡାବିତ କହ୍ନେଇ ପଧାନ ସମ୍ମାନୀତ ଅତିଥିଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ ଖଇରମାଲ ଓ ଗୌଡଗାଡ ମଧ୍ୟରେ ହୋଇଥିଲା। ଖଇରମାଲ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୯ ଉଇକେଟ ହରେଇ ୭୪ ରନ କରିଥିଲା। ଜବାବରେ ଗୌଡଗାଡ ଦଳ ୯.୪ ଓଭରରେ ସମସ୍ତ ଉଇକେଟ ହରେଇ ୫୬ ରନ କରି ପରାସ୍ତ ହୋଇଥିଲା। ଦ୍ୱିତୀୟ ମ୍ୟାଚରେ କୁଞ୍ଜାପାଲି ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ସମସ୍ତ ଉଇକେଟ ହରାଇ ୭୧ରନ କରିଥିଲା। ଜବାବରେ ଅମରପାଲି ଦଳ ୯.୧ ଓଭରରେ ୨ ଉଇକେଟ ହରାଇ ଆବଶ୍ୟକ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ପ୍ରଥମ ସେମିଫାଇନାଲ ଅମରପାଲି ଓ ଖଇରମାଲ ମଧ୍ୟରେ ହୋଇଥିଲା। ଖଇରମାଲ ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୮ ଉଇକେଟ ହରେଇ ୯୧ରନ କରିଥିବା ବେଳେ ଅମରପାଲି ୪୩ ରନରେ ସମସ୍ତ ଉଇକେଟ ହରେଇ ଥିଲା। ଫଳରେ ଖଇରମାଲ ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି। ସେହିପରି ପୁଲ- ବିର ପ୍ରଥମ ମ୍ୟାଚରେ ଦାଦରପାଲି ଦଳ ଅଚଣ୍ଡାକୁ ହରେଇ ଥିଲା। ଦ୍ୱିତୀୟ ମ୍ୟାଚରେ ବମରାଜକୁ ହରାଇ ଖୁଣ୍ଟୁଲାପାଲି ଦଳ ସେମିଫାଇନାଲରେ ପ୍ରବେଶ କରିଥିଲା। ଦ୍ୱିତୀୟ ସେମିଫାଇନାଲରେ ଖୁଣ୍ଟୁଲାପାଲି ଦଳ ଦାଦରପାଲିକୁ ହରାଇ ଫାଇନାଲରେ ପ୍ରବେଶ କରିଛି।


ସଞ୍ଜୟ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ଉଦ୍‌ଘାଟନ ଅବସରରେ ଖେଳାଳିଙ୍କ ସହିତ ଅତିଥିମାନେ।

## ୩ ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ ଦେବାକୁ ଏନ୍‌ଏଚ୍‌ଆର୍‌ସିଙ୍କ ନୋଟିସ୍

ସୋନପୁର,୮।୧୧(ନି.ପ୍ର.)

### ବିଦ୍ୟୁତ୍ ଆଘାତରେ ୨ ବାଳକ ଆହତ ଘଟଣା

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ମେଘଲା ଗ୍ରାମର ୨ ଜଣ ବାଳକ କ୍ରିଷ୍ଣା ରଣା ଓ ଅନିଲ ସେଠୀ ଗତ ୨୦୧୮ ଜୁଲାଇ ୨୭ରେ ମେଘଲା ରାଜସ୍ୱ ନିରୀକ୍ଷକଙ୍କ ଅଫିସ ଛାତ ଉପରେ ଖେଳୁଥିବା ସମୟରେ ୧୧କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ। ଏହି ଘଟଣାରେ ପୀଡିତଙ୍କୁ ୩ ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ ଦେବାକୁ ଜାତୀୟ ମାନବ ଅଧିକାର କମିଶନ(ଏନ୍‌ଏଚ୍‌ଆର୍‌ସି) ଓଡ଼ିଶା ସରକାରଙ୍କ ମୁଖ୍ୟ ଶାସନ ସଚିବଙ୍କୁ କୈଫିୟତ ତଲବ କରି ୬ ସପ୍ତାହ ମଧ୍ୟରେ ଉତ୍ତର ରଖିବାକୁ ତାଗିଦ୍ କରିଛନ୍ତି। ଏହି ନୋଟିସ୍‌ରେ ଯେଉଁ ଅଧିକାରୀଙ୍କ ଅବହେଳା ଯୋଗୁ ଏଭଳି ଦୁର୍ଘଟଣା ଘଟିଲା ସେମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ୬ ସପ୍ତାହ ମଧ୍ୟରେ କମିଶନଙ୍କ ନିକଟରେ ଜବାବ ଦାଖଲ କରିବାକୁ କୁହାଯାଇଛି। ଘଟଣା ସମ୍ପର୍କରେ ଭବାନୀପାଟଣାର ମାନବାଧିକାର କର୍ମୀ ଦିଲୀପ କୁମାର ଦାସ ଏନ୍‌ଏଚ୍‌ଆର୍‌ସିଙ୍କ ନିକଟରେ ଅଭିଯୋଗ ଦାଖଲ କରି ଶିଶୁଦ୍ୱୟଙ୍କୁ ନ୍ୟାୟ ପ୍ରଦାନ କରିବାକୁ ପ୍ରାର୍ଥନା କରିଥିଲେ। ଏହାକୁ ପଞ୍ଜୀକୃତ କରି କମିଶନ ଏହାର ବିଚାର ଜାରି ରଖିଛନ୍ତି। କମିଶନଙ୍କ ନିର୍ଦ୍ଦେଶକ୍ରମେ ୱେସ୍କୋ କର୍ତ୍ତୃପକ୍ଷ ଓ ଶକ୍ତି ବିଭାଗ ନିଜର ରିପୋର୍ଟ ଦାଖଲ କରିଥିଲେ। ଯଦିଓ ରାଜସ୍ୱ ବିଭାଗ, ଉଚ୍ଚଶକ୍ତି ବିଦ୍ୟୁତ୍ ତାର ତଳେ ବେଆଇନ ଭାବେ କୋଠା ନିର୍ମାଣ କରୁଥିଲେ, ଏହାକୁ ତଦାରଖ କରି ବନ୍ଦ କରିବା ଦାୟିତ୍ୱ ମଧ୍ୟ ୱେସ୍କୋ ଅଧିକାରୀ ଓ ଶକ୍ତି ବିଭାଗର କର୍ମକର୍ତ୍ତାଙ୍କର ରହିଛି। ବିଭାଗୀୟ ଅବହେଳା ଯୋଗୁ ଦୁଇ ଶିଶୁ କଷ୍ଟ ଭୋଗିଲେ ବୋଲି ଅନୁଭବ କରି କମିଶନ ଏହି ନିର୍ଦ୍ଦେଶନାମା ଜାରି କରି ଜବାବ ରଖିବାକୁ ମୁଖ୍ୟ ଶାସନ ସଚିବଙ୍କୁ ତାଗିଦ୍ କରିଛନ୍ତି ।

## ତୃତୀୟ ଦିନରେ କଂସ ଦରବାର

ଲୋଇସିଂହା,୮।୧୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଆଗଲାପାଲି ଖେକେର୍ଲି ଡୁଙ୍ଗୁରୀରେ ଚାଲିଥିବା ଗିରିଗୋବର୍ଦ୍ଧନ ମହୋତ୍ସବର ରବିବାର ଥିଲା ତୃତୀୟ ରଜନୀ । ଏହି ରାତ୍ରରେ ଅନୁଷ୍ଠିତ କଂସ ଦରବାରାରେ କୃଷ୍ଣ ଜନ୍ମ କଥା ବସ୍ତୁ ଉପରେ ଗୀତିନାଟ୍ୟ ପ୍ରଦର୍ଶନ କରାଯାଇଥିଲା। ଦେବରାଜ ଛତ୍ରିଆ କଂସ ଭୂମିକାରେ ଅଭିନୟ କରୁଛନ୍ତି। ସୁରସଙ୍ଗମ କଳାକାରଙ୍କ ସହ ଆଖପାଖ ଗ୍ରାମର କୁନି କଳାକାରମାନେ ନୃତ୍ୟ ପ୍ରଦର୍ଶନ କରିଥିଲେ । ଅତିଥି ଭାବେ ବରିଷ୍ଠ ପୋଲିସ ଅଧିକାରୀ ହେମସାଗର ନନ୍ଦ, ବିଜେଡି ରାଜ୍ୟ ପରିଷଦ ସଦସ୍ୟ ନିହାର ରଞ୍ଜନ ବେହେରା, ସରୋଜ ବିଶ୍ୱାଳ, ସୁଶାନ୍ତ ବାରିକ, ତ୍ରିଲୋଚନ ନନ୍ଦ ଯୋଗ ଦେଇଥିଲେ। ଖେକେର୍ଲି ଡୁଙ୍ଗୁରିରେ ଏକ ମଣ୍ଡପ, ରାସ୍ତା ନିର୍ମାଣ ଏବଂ ଅଗଲାପାଲିରେ କିଡନୀ ସମସ୍ୟା ବ୍ୟାପୁଥିବାରୁ ଏହାର ନିରାକରଣ ପାଇଁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଦିଗରେ ପଦକ୍ଷେପ ନିଆଯିବ ବୋଲି ବିଜେଡି ନେତା ନିହାର ରଞ୍ଜନ ବେହେରା କହିଛନ୍ତି।

**ତେଲନଦୀ ପୋଲ ତଳେ ନବଜାତକର ମୃତଦେହ**

ଗୁଡଭେଲା,(ଡି.ଏନ.ଏ.): ବଲାଙ୍ଗୀର ଜିଲା ତୃଷ୍ଣରା ନିକଟ ତେଲନଦୀ ପୋଲ ତଳେ ସୋମବାର ଏକ ନବଜାତ ଶିଶୁର ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଥିଲା। ଶିଶୁ ଦେହରେ ସାଲାଇନ ପ୍ଲାଷ୍ଟର ଲାଗିଥିବା ଦେଖାଯାଇଛି। ଏହି ଶିଶୁକୁ କିଏ ଏଠାରେ ଫିଙ୍ଗି ଦେଇଛି ଜଣାପଡିନାହିଁ । ଖବର ପ୍ରଚାରିତ ହେବାପରେ ସେଠାରେ ଭିଡ଼ ପରିଲକ୍ଷିତ ହୋଇଥିଲା। ଖବର ପାଇ ତୃଷ୍ଣରା ପୋଲିସ ଟିମ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ଭତ୍ତା ପାଇଁ ଯିବାକୁ ପଡୁଛି ୧୪କିମି

ବିନିକା,୮।୧୧(ଡି.ଏନ୍.ଏ)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ବାଙ୍କିଘିର୍ଡି ପଞ୍ଚାୟତ ଅନ୍ତର୍ଗତ ଅରିଗାଁ ଗ୍ରାମ। ଏହି ଗାଁର ଜନସଂଖ୍ୟା ୨ହଜାରରୁ ଊର୍ଦ୍ଧ୍ୱ। ଅରିଗାଁକୁ ଏକ ସ୍ୱତନ୍ତ୍ର ଗ୍ରାମ ପଞ୍ଚାୟତଭାବେ ଘୋଷଣା କରିବା ପାଇଁ ଦୀର୍ଘଦିନ ହେଲା ଦାବି ହୋଇ ଆସୁଛି। ହେଲେ ପ୍ରଶାସନ ଏଥିପ୍ରତି ଧ୍ୟାନ ଦେଉନାହିଁ। ଏହିଭଳି ଅଭିଯୋଗ କରି ସ୍ୱତନ୍ତ୍ର ଅରିଗାଁ ଗ୍ରାମ ପଞ୍ଚାୟତ ଗଠନ କରିବାକୁ ପୁଣି ଥରେ ଦାବି ଉଠିଛି। ଅରିଗାଁ ଗ୍ରାମବାସୀଙ୍କ ଯୁକ୍ତି ହେଲା ପଞ୍ଚାୟତ ହେଡକ୍ୱାର୍ଟର୍ସ ବାଙ୍କିଘିର୍ଡି ଯିବାକୁ ହେଲେ ସେମାନଙ୍କୁ ଗାଁଠାରୁ ୧୪କିମି ଅତିକ୍ରମ କରି ଯିବାକୁ ପଡୁଛି। ବୃଦ୍ଧାବୃଦ୍ଧମାନେ ମାସିକ ଭତ୍ତା ପାଇଁ ବଡକଷ୍ଟରେ ପଞ୍ଚାୟତ ଅଫିସକୁ ଯାଉଛନ୍ତି। ଏଥିପାଇଁ ଆର୍ଥିକ ଖର୍ଚ୍ଚାନ୍ତ ହେବାକୁ ବି ପଡୁଛି। ପିଡିଏସ୍ ସାମଗ୍ରୀ ଆଣିବାକୁ ମଧ୍ୟ ସମାନ ପରିସ୍ଥିତିର ସମ୍ମୁଖୀନ ହେଉଛନ୍ତି ଗାଁର ହିତାଧିକାରୀମାନେ। ଏତଦ୍‌ବ୍ୟତୀତ ପଞ୍ଚାୟତ ଅଫିସକୁ ଅନ୍ୟ କୌଣସି କାର୍ଯ୍ୟରେ ଯିବାକୁ ହେଲେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।



ଅଧାପନ୍ତରିଆ ହୋଇ ପଡି ରହିଥିବା ଅଙ୍ଗନୱାଡି କେନ୍ଦ୍ର।

ପଞ୍ଚାୟତ ମୁଖ୍ୟାଳୟରୁ ବହୁ ଦୂରରେ ଅବସ୍ଥିତ ହୋଇଥିବାରୁ ଗାଁରେ ଚାଲିଥିବା ବହୁ ଉନ୍ନୟନ ପ୍ରକଳ୍ପ ମନ୍ଥର ଗତିରେ ଚାଲିଛି। ୨୦୧୬-୧୭ ଆର୍ଥିକ ବର୍ଷରୁ ଗ୍ରାମର ୧ ନଂ ଏବଂ ୩ ନମ୍ବର ଅଙ୍ଗନୱାଡି କେନ୍ଦ୍ରର ନିର୍ମାଣ କାମ ଆରମ୍ଭ ହୋଇଥିଲେ ହେଁ ସମ୍ପୂର୍ଣ୍ଣ ହୋଇ ପାରିନାହିଁ। ଫଳରେ ଉଭୟ କେନ୍ଦ୍ରରେ ଥିବା ୫୪ଜଣ ଶିଶୁଙ୍କ ପ୍ରିକ୍ଲାସ ବାଧାପ୍ରାପ୍ତ ହେଉଛି । ଅରିଗାଁ ପ୍ରାଥମିକ ସ୍କୁଲ ଜିଲାରେ ସର୍ବଶ୍ରେଷ୍ଠ ସ୍କୁଲଭାବେ ୨ଥର ଜିଲା ପ୍ରଶାସନ ପକ୍ଷରୁ ମାନ୍ୟତା ପାଇଛି। ହେଲେ ଶିକ୍ଷାନୁଷ୍ଠାନର ପାଚେରି ନିର୍ମାଣ କାମ ଅସମ୍ପୂର୍ଣ୍ଣ ରହିଛି। ଏଥିଯୋଗୁ ସ୍କୁଲ ପରିସର ବୁଲା ଗୋରୁ ଓ ଅସାମାଜିକ ତତ୍ତ୍ୱଙ୍କ ଚରାଭୂଇଁ ପାଲଟିଛି।

- ସ୍ୱତନ୍ତ୍ର ପଞ୍ଚାୟତ ଗଠନ ନ ହେଲେ ବିକାଶ ହେବନି: ଅରିଗାଁ ଗ୍ରାମବାସୀ
- ଅଙ୍ଗନୱାଡି କେନ୍ଦ୍ର ଅଧାପନ୍ତରିଆ
- ସ୍କୁଲ ପାଚେରି କାମ ବି ସରିନି

ଅରିଗାଁ ଗ୍ରାମ ଜୀରାନଦୀ କୂଳରେ ଅବସ୍ଥିତ । ଏଠାକାର ଲୋକେ ନଦୀରେ ସ୍ନାନଶୌଚ ଆଦି କାମ କରିଥାନ୍ତି। ହେଲେ ଗାଁରୁ ନଦୀକୁ ଯାଇଥିବା ରାସ୍ତା ଶୋଚନୀୟ ଅବସ୍ଥାରେ ରହିଛି। ଏହାର ଉନ୍ନତୀକରଣ ଦିଗରେ କୌଣସି ପଦକ୍ଷେପ ନିଆଯାଉ ନାହିଁ। ବହୁ ଯୋଗ୍ୟ ହିତାଧିକାରୀ ଥିଲେ ହେଁ ଆବାସ ଯୋଜନାରୁ ବଞ୍ଚିତ ରହିଛନ୍ତି। ତେଣୁ ଜନସାଧାରଣଙ୍କ ହିତ ଦୃଷ୍ଟିରୁ ଜିଲା ପ୍ରଶାସନ ଅରିଗାଁକୁ ଅବିଳମ୍ବେ ଏକ ପଞ୍ଚାୟତର ମାନ୍ୟତା ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏଥିପାଇଁ ପଡୋଶୀ ଅନ୍ୟ କେତୋଟି ଗାଁକୁ ଏହି ପଞ୍ଚାୟତରେ ସାମିଲ କରି ନୂତନ ପଞ୍ଚାୟତ ଗଠନ କରିବାରେ ସମସ୍ୟା କେଉଁଠି ବୋଲି ଗ୍ରାମର କୁନି ବାଘ, ତପସ୍ୱିନୀ ନନ୍ଦ, ଅନୁପମା ଭରାସାଗର, ତପ ପେରା, ସବିତା ପେରା, ସୁମେଧା ଭରାସାଗର, ସୁଜାତା ଭରାସାଗର, ସନ୍ତୋଷ ଭୂଏ ପ୍ରମୁଖ କହିଛନ୍ତି।

## ସଂକ୍ଷେପରେ

### ଲୋଇସିଂହାରେ ଭାଜପା କର୍ମୀଙ୍କ ପ୍ରତିବାଦ



ଲୋଇସିଂହା,୮।୧୧(ଡି.ଏନ.ଏ): ମମିତା ମେହେରଙ୍କୁ ନ୍ୟାୟ ପ୍ରଦାନ ଦାବିରେ ବଲାଙ୍ଗୀର ଜିଲା ଲୋଇସିଂହାଠାରେ ଭାଜପା ପକ୍ଷରୁ ଅଭିନବ ପ୍ରତିବାଦ କରାଯାଇଛି। ମଣ୍ଡଳ ସଭାପତି ସରୋଜ ସାହୁଙ୍କ ନେତୃତ୍ୱରେ ଭାଜପା କର୍ମୀମାନେ ବସ୍ତି ରେଳ ଫାଟକରୁ ବଲାଙ୍ଗୀର-ବରଗଡ ୨୬ ନଂ ଜାତୀୟ ରାଜପଥର ପଦ୍ମପୁର ଛକ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀଙ୍କ ଏକ ପ୍ରତିକାତ୍ମକ ଶବ ଶୋଭାଯାତ୍ରା କରିଥିଲେ । ଛାରିଛକଠାରେ ଭୂତନାଥ ନାଏକଙ୍କ ସଂଯୋଜନାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ବାଲକୃଷ୍ଣ ଧରୁଆ, ସୁନୀଲ ଦାସ, ଜ୍ୟୋତିର୍ମୟ ରାଉତ, ଲେକ୍କୁ ତ୍ରିପାଠୀ,ରଘୁନାଥ ସାହୁ ପ୍ରମୁଖ ରାଜ୍ୟ ସରକାରଙ୍କ ଉପରେ ବିଷୋଦଗାର କରିଥିଲେ। ଶେଷରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ରାଜ୍ୟ ଗୃହରାଷ୍ଟ୍ର ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଏବଂ ଆଇନ ମନ୍ତ୍ରୀ ପ୍ରତାପ ଜେନାଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା।

### କଣ୍ଟାବାଞ୍ଜି ଆରଏମ୍‌ସି: ବାହାରିଲା କପା ବିକ୍ରୟ ପ୍ରଚାର ରଥ



କଣ୍ଟାବାଞ୍ଜି,୮।୧୧(ଡି.ଏନ.ଏ.): ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ନିୟନ୍ତ୍ରିତ ବଜାର କମିଟି(ଆରଏମସି) ପକ୍ଷରୁ ସୋମବାର କପା ବିକ୍ରୟ ପ୍ରଚାର ରଥର ଶୁଭାରମ୍ଭ କରାଯାଇଛି । ଏହି ରଥ ଆରଏମ୍‌ସି ଅଧୀନ ଟିଟିଲାଗଡ ଉପଖଣ୍ଡର ତୁରେକେଲା, ବଙ୍ଗୋମୁଣ୍ଡା, ମୁରିବାହାଲ, ଟିଟିଲାଗଡ, ସଇଁତଲା ବ୍ଲକ ଅଞ୍ଚଳରେ ପରିକ୍ରମା କରିବ। କପାଚାଷୀଙ୍କୁ ସରକାରଙ୍କ ଧାର୍ଯ୍ୟ ମୂଲ୍ୟ ଅନୁସାରେ କଣ୍ଟାବାଞ୍ଜି ମୁଖ୍ୟ ବଜାର ଓ ଉପବଜାର ପ୍ରାଙ୍ଗଣ ଟିଟିଲାଗଡରେ ସରକାରୀ ଛୁଟି ଦିନ ବ୍ୟତୀତ ଅନ୍ୟ ଦିବସରେ କପା ବିକ୍ରୟ କରିବା ପାଇଁ ରଥ ମାଧମରେ ସୂଚନା ଦିଆଯାଉଛି। ଆରଏମ୍‌ସି ବ୍ୟତୀତ କପାଚାଷୀମାନେ ଅନ୍ୟ କେଉଁଠି ବିକ୍ରି କରି କ୍ଷତିରେ ନ ପଡିବାକୁ ରଥ ଚାଷୀଙ୍କୁ ସଚେତନ କରୁଛି। ପ୍ରଥମ ଦିବସରେ ସଚେତନତା ରଥ ତୁରେକେଲା ବ୍ଲକର ତୁରେକେଲା, ମହୁଲପାଟି, ଢୋଲମାନ୍ଦଲ, ବଡଡକଲା, ବଡବାଙ୍କି, ଘୁନେଶ, ମହଖଣ୍ଡ, କୁହିବାହାଲ ପଞ୍ଚାୟତର ବିଭିନ୍ନ ଗ୍ରାମ ପରିକ୍ରମା କରିଛି। ଟିଟିଲାଗଡ ଉପଜିଲାପାଳ ତଥା କଣ୍ଟାବାଞ୍ଜି ଆରଏମସି ଅଧକ୍ଷ ମନୋଜ ସତ୍ୟବାନ ମହାଜନ, ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ତୁଷାରକାନ୍ତ ସେଠୀଙ୍କ ନିର୍ଦ୍ଦେଶରେ ଶୁଭାରମ୍ଭ ହୋଇଛି । ଏହି କାର୍ଯ୍ୟକ୍ରମରେ ଆରଏମ୍‌ସି କାର୍ଯ୍ୟାଳୟର କର୍ମଚାରୀମାନେ ଉପସ୍ଥିତ ଥିଲେ।

### ସଂଗ୍ରାମ କେଶରୀ ନୂଆପଡ଼ାର ନୂତନ ଜିଲା ଦୌରାଜଜ୍

ନୂଆପଡ଼ା ଅଫିସ,୮।୧୧: ନୂଆପଡା ଜିଲାର ନୂତନ ଜିଲା ଦୌରାଜଜ୍ ଭାବେ ସଂଗ୍ରାମ କେଶରୀ ପଟ୍ଟନାୟକ ସୋମବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଆଜି ତାଙ୍କର ନୂତନ ଦାୟିତ୍ୱ ଗ୍ରହଣ ପରେ ଜିଲା ଓକିଲ ସଂଘ ସଭାପତି ପ୍ରସନ୍ନ କୁମାର ପାଢ଼ୀ, ସମ୍ପାଦକ ଅଶ୍ୱନୀ କୁମାର ବାଗ ପ୍ରମୁଖ ସାକ୍ଷାତ କରି ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ।

### ନୂତନ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

ତୁଣ୍ଡଲା,୮।୧୧(ଡି.ଏନ.ଏ.): କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ବେଲଖଣ୍ଡି ପଞ୍ଚାୟତ ଡିଗ୍ରୀ ମହାବିଦ୍ୟାଳୟଠାରେ ନୂତନ ଛାତ୍ରୀଛାତ୍ରମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। କଲେଜ ଅଧକ୍ଷ ଦୁର୍ଯ୍ୟୋଧନ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଅଧାପକ ଦୁର୍ଯ୍ୟୋଧନ ବିଶୋଇ, ଅଧାପକ ସଦାନନ୍ଦ ସତପଥୀ, ନିରଞ୍ଜନ ମାଝି, ମଦନ ମୋହନ ସାହୁ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ଛାତ୍ରୀ ସଙ୍ଗୀତା, ବାସନ୍ତୀ, ମମତା, ରୀନା ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଏହି ଅବସରରେ ଅଧକ୍ଷ ସମସ୍ତ ଛାତ୍ରୀଛାତ୍ରମାନଙ୍କୁ ସମୟାନୁବର୍ତ୍ତି ହୋଇ କର୍ତ୍ତବ୍ୟ ନିଷ୍ଠା ହେବାକୁ ପରାମର୍ଶ ଦେଇଥିଲେ। ଏଥିରେ ଛାତ୍ର ଦଳଗୋବିନ୍ଦ, ଆକାଶ, ମହେଶ, ଶ୍ରିତମ ପ୍ରମଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କୋଭିଡ୍ ନିୟମ ଅନୁସାରରେ ସମସ୍ତ କାର୍ଯ୍ୟକ୍ରମ କରାଯାଇଥିଲା।

## ନିଆଁ ଲାଗି ୨ ବଖରା ଭସ୍ମୀଭୂତ, ପରିବାର ବେସାହାରା

ବାଉଁଶୁଣୀ, ୮।୧୧(ଡି.ଏନ.ଏ.)

କନ୍ଧମାଳ ବ୍ଲକ ଖୁଣ୍ଟି ଗୋରା ପଞ୍ଚାୟତ ଅନ୍ତର୍ଗତ ପତିମାଲ ଗାଁରେ ଜଣକ ଘରେ ନିଆଁ ଲାଗି ଘରର ସମସ୍ତ ଜିନିଷ ପୋଡି ନଷ୍ଟ ହୋଇଯାଇଛି। ମିଳିଥିବା ସୂଚନା ଅନୁସାରେ ରବିବାର ଏହି ଗାଁର ରାମ କବାଟଙ୍କ ଘରେ କୌଣସି କାରଣରୁ ନିଆଁ ଲାଗି ଅନେକ ଜିନିଷପତ୍ର ପୋଡ଼ିଯାଇଛି। ଖବରପାଇ କନ୍ଧମାଳରୁ ଦମକଳ ଯାଇ ନିଆଁକୁ ଆୟତ୍ତ କରିଥିଲା । ରାମ କବାଟ ଜଣେ ଗରିବ ଶ୍ରେଣୀର ହୋଇଥିବାରୁ ଗ୍ରାମବାସୀ ସହାୟତା ପାଇଁ ଦାବି କରିଛନ୍ତି। କନ୍ଧମାଳ ଦମକଳ କେନ୍ଦ୍ର ଅଧିକାରୀ ପ୍ରଦୀପ ଖଡିଆଙ୍କ ସହ ଯୋଗାଯୋଗ କରିବାରୁ ବହୁ ଜିନିଷପତ୍ର ପୋଡ଼ିଯାଇଥିବା ସେ କହିଛନ୍ତି। ତୁରନ୍ତ ଜିଲା ପ୍ରଶାସନ ଏହି ଗରିବ ପରିବାରରେ ଉପରେ ଦୃଷ୍ଟି ଦେଇ ସରକାରୀ ସହାୟତା ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ସିବିଆଇ ତଦନ୍ତ, ମନ୍ତ୍ରୀଙ୍କ ବହିଷ୍କାର ଦାବିରେ ବିକ୍ଷୋଭ

ସୋନପୁର/ ଡୁଙ୍ଗୁରିପାଲି/ଅମରପାଲି/ ତରଭା , ୮।୧୧(ନି.ପ୍ର./ଡି.ଏନ.ଏ.)

ମମିତା ମେହେର ହତ୍ୟା ଘଟଣାର ସିବିଆଇ ତଦନ୍ତ, ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁଙ୍କ ଘନିଷ୍ଠ ତଥା ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଓ ମାହାଙ୍ଗା ଡବଲ ମର୍ଡର ଘଟଣାର ଅନ୍ୟତମ ଅଭିଯୁକ୍ତ ଆଇନ ମନ୍ତ୍ରୀ ପ୍ରତାପ ଜେନାଙ୍କୁ ମନ୍ତ୍ରୀ ମଣ୍ଡଳରୁ ବହିଷ୍କାର ଦାବି କରିଛି ଭାଜପା। ସୋମବାର ସୁବର୍ଣ୍ଣପୁର ଜିଲାର ବିଭିନ୍ନ ସ୍ଥାନରେ ଦଳ ପକ୍ଷରୁ ବିକ୍ଷୋଭ ପ୍ରଦାନ କରାଯାଇଥିଲା।

ଭାଜପା ପକ୍ଷରୁ ସୋନପୁର ବ୍ଲକ ଓ ସୁବର୍ଣ୍ଣପୁର ମ୍ୟୁନିସିପାଲିଟି ଅଫିସ ସମ୍ମୁଖରେ ଜିଲା ସଭାପତି ପ୍ରମୋଦ ମହାପାତ୍ରଙ୍କ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଦଳ ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଗୃହ ରାଷ୍ଟ୍ରମନ୍ତ୍ରୀ ମିଶ୍ର ଓ ଆଇନ ମନ୍ତ୍ରୀ ଜେନାଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ସଞ୍ଜୁକ୍ତା ହୋତା, ସୁନିତା ଗିରି, ସୁଦେଷ୍ଣା ନେଗୀ, ସାନନ୍ଦ ମେହେର, ଜିଲା ପରିଷଦ ସଭ୍ୟ ପୂର୍ଣ୍ଣଚନ୍ଦ୍ର ବିଶି, ଜଗତ୍‌ଜ୍ୟୋତି ତ୍ରିପାଠୀ, କେଦାର ମିଶ୍ର ଆନ୍ଦୋଳନର ନେତୃତ୍ୱ ନେଇଥିଲେ।

ଡୁଙ୍ଗୁରିପାଲି ଭାଜପା ପକ୍ଷରୁ ମଣ୍ଡଳ ସଭାପତି ନିତେଇ ପାଲଙ୍କ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଦଳର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ ପୂଝାରୀ, ରାଜ୍ୟ ଓବିସି ମୋର୍ଚ୍ଚାର ରୁଦ୍ରକିଶୋର ମହଲା, ସୁଦାମ ସାହୁ, ସୁଶାନ୍ତ ସାହ ପ୍ରମୁଖ ଉପସ୍ଥିତ ଥିଲେ।

ବୀରମହାରାଜପୁର ଭାଜପା ତରଫରୁ ବ୍ଲକ ଅଫିସ ସମ୍ମୁଖରେ ଅନୁଷ୍ଠିତ ବିକ୍ଷୋଭ କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧ୍ୟକ୍ଷା ଉଷା କୁମାରୀ, କିଶୋର ହୋତା, ନଳିନୀ ପଣ୍ଡା, ଜିଲା ପରିଷଦ ସଭ୍ୟା ଗାୟତ୍ରୀ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଭାଜପା ତରଭା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଦଳୀୟ କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏଥିରେ ସୁରେଶ ମହଲା, ରାଜକିଶୋର ମେର୍ଲି, ରାମନାରାୟଣ ବେଜ, ଅଭି ଘିବେଲା, ମୁଚରାମ ମେଣ୍ଡଲ ପ୍ରମୁଖ ସାମିଲ ଥିଲେ ।

## ଜାତୀୟ ତୀରନ୍ଦାଜୀ ପାଇଁ ଚୟନ,ପ୍ରଶିକ୍ଷଣ ଶିବିର

ଅମରପାଲି, ୮।୧୧(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଗାୟତ୍ରୀ ଆବାସିକ ଶିକ୍ଷା ନିକେତନଠାରେ ସୋନପୁର ଓ ବୌଦ୍ଧ ଜିଲା ତୀରନ୍ଦାଜ ସଂଘ ମିଳିତ ଆନୁକୂଲ୍ୟରେ ଜାତୀୟ ତୀରନ୍ଦାଜୀ ପାଇଁ ଚାଲିଥିବା ଦୁଇଦିନିଆ ଚୟନ ଓ ପ୍ରଶିକ୍ଷଣ ଶିବିର ସୋମବାର ଉଦ୍‌ଯାପିତ ହୋଇଛି। ଏଥିରେ ୪ଜଣ ପୁଅ ଓ ୪ଜଣ ଝିଅଙ୍କୁ ଜାତୀୟସ୍ତରରେ ଅଂଶଗ୍ରହଣ ପାଇଁ ମନୋନୀତ କରାଯାଇଥିଲା । ସେମାନେ ଆସନ୍ତା ୨୪ତାରିଖ ଯାଏ ଗାୟତ୍ରୀ ଆବାସିକ ଶିକ୍ଷା ନିକେତନଠାରେ ପ୍ରଶିକ୍ଷଣ ଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି। ଉଦ୍‌ଯାପନୀ ଉତ୍ସବରେ ବୀରମହାରାଜପୁର ଅତିରିକ୍ତ ତହସିଲଦାର ସ୍ୱାଗତ କୁମାର ପଣ୍ଡା, ଗୋରେଖନାଥ ସାହୁ, ଶିକ୍ଷାବିତ୍ ବ୍ରଜମୋହନ ଦାନୀ, ଯୁଗଳ କିଶୋର ମିଶ୍ର, ସାମ୍ବାଦିକ ରବୀନ୍ଦ୍ର ହୋତା, ଟାଇକୋଣ୍ଡୋ ଖେଳାଳି ଏହେସାସ



ବୀରମହାରାଜପୁରରେ ଜାତୀୟ ତୀରନ୍ଦାଜ ଚୟନ,ପ୍ରଶିକ୍ଷଣ ଶିବିରରେ ତୀରନ୍ଦାଜୀମାନେ।

ହୋତା, ବୌଦ୍ଧ ତୀରନ୍ଦାଜ ସଂଘ ସଭାପତି ସୂର୍ଯ୍ୟକାନ୍ତ ଦଳବେହେରା ଓ ସମ୍ପାଦକ କୃଷ୍ଣଚନ୍ଦ୍ର ସେଠୀ ଅତିଥିଭାବେ ଯୋଗ ଦେଇଥିଲେ । ସୁବର୍ଣ୍ଣପୁର ଜିଲା ସମ୍ପାଦକ ପଙ୍କଜ ଖମାରୀ ସଭାରେ ଅଧ୍ୟକ୍ଷତା କରିଥିଲେ। ଗାୟତ୍ରୀ ଆବାସିକ ଶିକ୍ଷା ନିକେତନ ସମ୍ପାଦକ ଶତ୍ରୁଘ୍ନ ମେହେର ସଭା ସଂଯୋଜନା କରିଥିଲେ । ରବିବାର ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟ ଅଧକ୍ଷ ଡ. ପ୍ରବୀର କୁମାର ଦାଶ ମୁଖ୍ୟ ଅତିଥି ଏବଂ ସୋନପୁର ବିଜୁ ପଟ୍ଟନାୟକ ମହିଳା ମହାବିଦ୍ୟାଳୟ ଅଧାପକ ଦୁଃଖିଶ୍ୟାମ ମେହେର, ତୀରନ୍ଦାଜ ସଂଘ ରାଜ୍ୟ ଯୁଗ୍ମ ସମ୍ପାଦକ କୃଷ୍ଣଚନ୍ଦ୍ର ସେଠୀ, ବୌଦ୍ଧ ତୀରନ୍ଦାଜ ସଂଘ ସମ୍ପାଦକ ଅର୍ଜୁନ କଅଁର, ସୋନପୁର ଜିଲା ତୀରନ୍ଦାଜ ସଂଘ ସଭାପତି ପ୍ରଦୀପ ପଣ୍ଡା, ସୋନପୁର ଜିଲା ସମ୍ପାଦକ ପଙ୍କଜ ଖମାରୀ, ଯୁଗ୍ମ ସମ୍ପାଦକ ରବୀନ୍ଦ୍ର ହୋତା, ଉପସଭାପତି ରବିଚନ୍ଦ୍ର ପେରା, ସହସମ୍ପାଦକ ଅଭିନନ୍ଦନ ପୁଜାହାରୀ ଓ ଗାୟତ୍ରୀ ଆବାସିକ ଶିକ୍ଷା ନିକେତନ ସମ୍ପାଦକ ମେହେର ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ।

## ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ନାଗରିକ କମିଟିର ଧାରଣା ୧୦ରେ

ବୌଦ୍ଧ,୮।୧୧(ସ୍ୱ.ପ୍ର.)

ରାଜ୍ୟ ସରକାର ପୌର ନିର୍ବାଚନ ନେଇ ୱାର୍ଡ ଓ କର୍ପୋରେଟ ଗୁଡିକର ସୀମା ନିର୍ଦ୍ଧାରଣ ନେଇ ବିଜ୍ଞପ୍ତି ଜାରି କରିଥିବାବେଳେ କିନ୍ତୁ ବୌଦ୍ଧ ଜିଲାବାସୀଙ୍କ ଦୀର୍ଘ ଦିନର ଦାବି ଉତ୍ତରାଞ୍ଚଳ ରାଜସ୍ୱ ଡିଭିଜନରେ ସାମିଲ ଓ ବିଜ୍ଞାପିତ ଅଞ୍ଚଳ ପରିଷଦକୁ ପୌରପରିଷଦ ମାନ୍ୟତା ସରକାରଙ୍କ ନାଳିଫିତା ତଳେ ରହିଯାଇଥିବା ମନେହେଉଛି। ତେବେ ଦୀର୍ଘ ଦିନରୁ ବୌଦ୍ଧକୁ ପୌରପରିଷଦ ଘୋଷଣା କରାଯିବାକୁ ସଂଗ୍ରାମ ଜାରି ରଖିଥିବା ବୌଦ୍ଧ ନାଗରିକ କମିଟି ଆସନ୍ତା ୧୦ତାରିଖ ଏଥିପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବାକୁ ନିଷ୍ପତି ଗ୍ରହଣ କରିଛି। ଏଥିରେ ଜିଲାର ଜନସାଧାରଣ ସାମିଲ ହେବାକୁ ନିବେଦନ କରାଯାଇଛି। ଏନେଇ ନାଗରିକ କମିଟିର ସମ୍ପାଦକ ବିଶେଶ୍ୱର ପୃଷ୍ଟି ଜଣାଇଛନ୍ତି।

## ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କୁ ସହାୟକ ଉପକରଣ ବଣ୍ଟନ

ଟିଟିଲାଗଡ଼, ୮।୧୧ (ଡି.ଏନ.ଏ.)

ବଲାଙ୍ଗୀର ଜିଲା ଟିଟିଲାଗଡ ବିଆରସିସି କାର୍ଯ୍ୟାଳୟ ପଡିଆରେ ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ସୋମବାର ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କୁ ସହାୟକ ଉପକରଣ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ତହସିଲଦାର ପ୍ରେମଲାଲ ହିଆଲ ମୁଖ୍ୟ ଅତିଥିଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଭିନ୍ନକ୍ଷମଙ୍କ କଲ୍ୟାଣ ପାଇଁ ରହିଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଭିନ୍ନକ୍ଷମଙ୍କୁ ୬୭ଟି ସହାୟକ ଉପକରଣ ବଣ୍ଟନ କରାଯାଇଥିଲା। ବ୍ଲକ ଶିକ୍ଷା ଅଧିକାରୀ ମକୁନ୍ଦ ମହରା, ବରିଷ୍ଠ ଭୂଅଧିଗ୍ରହଣ ବିଭାଗ କିରାଣି ଟିକେଲାଲ ବେହେରା, ସିଆରସିସି ଚୈତନ୍ୟ ଭୋଇ ମଞ୍ଚାସୀନ ଥିଲେ। ଜାମପଡା ପ୍ରଧାନଶିକ୍ଷକ ବିଶ୍ୱନାଥ ମିଶ୍ର ସଭା ପରିଚାଳନା କରିଥିଲେ।

## ଜାତିଗତ ସଂରକ୍ଷଣ ଉପରେ ଆଲୋଚନାଚକ୍ର

ପଦ୍ମପୁର, ୮।୧୧(ଡି.ଏନ.ଏ)

ବରଗଡ଼ ଜିଲା ପଦ୍ମପୁର ବ୍ରାହ୍ମଣ ସମାଜ ଆନୁକୂଲ୍ୟରେ ସୋମବାର ସ୍ଥାନୀୟ ପୁରୋହିତ କଲ୍ୟାଣ ମଣ୍ଡପରେ ଜାତିଗତ ସଂରକ୍ଷଣ ଓ ତାର ପ୍ରଭାବ ସମ୍ପର୍କିତ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅବସରପ୍ରାପ୍ତ ଅଧକ୍ଷ ଚିତ୍ତରଞ୍ଜନ ଦାଶ ସଭାପତିତ୍ୱ କରିଥିଲେ। ଆଲୋଚନାଚକ୍ରରେ ଖାରବନ୍ଧ ମହାବିଦ୍ୟାଳୟର ଅଧାପକ ଖ୍ୟାତିମୟ ତ୍ରିପାଠୀ, ବରିଷ୍ଠ ଆଇନଜୀବୀ ଅଜିତ ଶତପଥି, ମହିଳା ମହାବିଦ୍ୟାଳୟର ଅଧାପକ ବିଷ୍ଣୁ ପ୍ରସାଦ ଷଡଙ୍ଗୀ ପ୍ରମୁଖ ଯୋଗଦାନ କରି ଜାତିଗତ ସଂରକ୍ଷଣ ଓ ତାର ପ୍ରଭାବ ସମ୍ପର୍କରେ ସୁଚିନ୍ତିତ ମତାମତ ଦେଇଥିଲେ। ବ୍ରାହ୍ମଣ ସମାଜ ସଭାପତି ଜୟନାରାୟଣ ତ୍ରିପାଠୀ ପ୍ରାରମ୍ଭିକ ସୂଚନା ପ୍ରଦାନ ଏବଂ ଚନ୍ଦ୍ରଶେଖର ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ। ଅଧାପକ ଦିବ୍ୟ କୁମାର ପଣ୍ଡା ମଞ୍ଚ ପରିଚାଳନା କରିଥିଲେ।




ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥିବୃନ୍ଦ।

## କ୍ରପ୍ କଟିଂ ପାଇଁ ଜିଲାପାଳଙ୍କୁ ଫେରାଦ

ବରଗଡ଼ ଅଫିସ୍,୮।୧୧

ବରଗଡ଼ ଜିଲାରେ ମରୁଡ଼ି ପରିସ୍ଥିତି ଉପୁଜିଛି। ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ଜିଲାର ବିଭିନ୍ନ ଅଞ୍ଚଳରେ ଖରିଫ ଫସଲ ଉଜୁଡ଼ି ଯାଇଛି। ଏଭଳି ଭାବେ ଜିଲାର ବରଗଡ଼ ବ୍ଲକ ଗୋବିନ୍ଦପୁର ପଞ୍ଚାୟତ ଅଧୀନ ଉଲବା, ବଗେଇବିରା, ସାଲେପାଲି ଗ୍ରାମ ଅଣଜଳସେଚିତ ହୋଇଥିବାରୁ ଧାନ ଫସଲ ପ୍ରଭାବିତ ହୋଇଛି। ଏପର୍ଯ୍ୟନ୍ତ ଫସଲକ୍ଷତି ଆକଳନ ହୋଇପାରିନାହିଁ। ଫଳରେ ମରୁଡ଼ି ସହାୟତା ପାଇବା ନେଇ କ୍ଷତିଗ୍ରସ୍ତ ଚାଷୀମାନେ ଆଶଙ୍କା ପ୍ରକାଶ କରିଛନ୍ତି। ଉକ୍ତ ଅଞ୍ଚଳରେ ଧାନ ଫସଲ କ୍ରପ କଟିଂ କରିବା ପାଇଁ କ୍ଷତିଗ୍ରସ୍ତ ଚାଷୀମାନେ ସୋମବାର ବରଗଡ଼ ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ଫେରାଦ ହୋଇଥିଲେ। ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ନବୀନ କୁମାର ପଟେଲଙ୍କୁ ଛତ୍ରପତି ଭୋଇ, ରମେଶ ମହାପାତ୍ରଙ୍କୁ ନେତୃତ୍ୱରେ ଚାଷୀମାନେ ଏ ନେଇ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି।



କ୍ରପ୍ କଟିଂ ପାଇଁ ଜିଲାପାଳଙ୍କୁ ଫେରାଦ ହୋଇଥିବା ଚାଷୀବୃନ୍ଦ ।

## ଖଇରମାଲ, ଖୁଣ୍ଟୁଲାପାଲି ଫାଇନାଲରେ

ଅମରପାଲି, ୮।୧୧(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଦାଦରପାଲିଠାରେ ସଞ୍ଜୟ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ରଞ୍ଜିତ ଖେତି ମୁଖ୍ୟ ଅତିଥି ଏବଂ କ୍ରୀଡାବିତ କହ୍ନେଇ ପଧାନ ସମ୍ମାନୀତ ଅତିଥିଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ ଖଇରମାଲ ଓ ଗୌଡଗାଡ ମଧ୍ୟରେ ହୋଇଥିଲା। ଖଇରମାଲ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୯ ଉଇକେଟ ହରେଇ ୭୪ ରନ କରିଥିଲା। ଜବାବରେ ଗୌଡଗାଡ ଦଳ ୯.୪ ଓଭରରେ ସମସ୍ତ ଉଇକେଟ ହରେଇ ୫୬ ରନ କରି ପରାସ୍ତ ହୋଇଥିଲା। ଦ୍ୱିତୀୟ ମ୍ୟାଚରେ କୁଞ୍ଜାପାଲି ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ସମସ୍ତ ଉଇକେଟ ହରାଇ ୭୧ରନ କରିଥିଲା। ଜବାବରେ ଅମରପାଲି ଦଳ ୯.୧ ଓଭରରେ ୨ ଉଇକେଟ ହରାଇ ଆବଶ୍ୟକ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ପ୍ରଥମ ସେମିଫାଇନାଲ ଅମରପାଲି ଓ ଖଇରମାଲ ମଧ୍ୟରେ ହୋଇଥିଲା। ଖଇରମାଲ ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୮ ଉଇକେଟ ହରେଇ ୯୧ରନ କରିଥିବା ବେଳେ ଅମରପାଲି ୪୩ ରନରେ ସମସ୍ତ ଉଇକେଟ ହରେଇ ଥିଲା। ଫଳରେ ଖଇରମାଲ ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି। ସେହିପରି ପୁଲ- ବିର ପ୍ରଥମ ମ୍ୟାଚରେ ଦାଦରପାଲି ଦଳ ଅଚଣ୍ଡାକୁ ହରେଇ ଥିଲା। ଦ୍ୱିତୀୟ ମ୍ୟାଚରେ ବମରାଜକୁ ହରାଇ ଖୁଣ୍ଟୁଲାପାଲି ଦଳ ସେମିଫାଇନାଲରେ ପ୍ରବେଶ କରିଥିଲା। ଦ୍ୱିତୀୟ ସେମିଫାଇନାଲରେ ଖୁଣ୍ଟୁଲାପାଲି ଦଳ ଦାଦରପାଲିକୁ ହରାଇ ଫାଇନାଲରେ ପ୍ରବେଶ କରିଛି।



ସଞ୍ଜୟ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ଉଦ୍‌ଘାଟନ ଅବସରରେ ଖେଳାଳିଙ୍କ ସହିତ ଅତିଥିମାନେ।

**ସଞ୍ଜୟ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ**

## ୩ ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ ଦେବାକୁ ଏନ୍‌ଏଚ୍‌ଆର୍‌ସିଙ୍କ ନୋଟିସ୍

ସୋନପୁର,୮।୧୧(ନି.ପ୍ର.)

**ବିଦ୍ୟୁତ୍ ଆଘାତରେ ୨ ବାଳକ ଆହତ ଘଟଣା**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ମେଘଲା ଗ୍ରାମର ୨ ଜଣ ବାଳକ କ୍ରିଷ୍ଣା ରଣା ଓ ଅନିଲ ସେଠୀ ଗତ ୨୦୧୮ ଜୁଲାଇ ୨୭ରେ ମେଘଲା ରାଜସ୍ୱ ନିରୀକ୍ଷକଙ୍କ ଅଫିସ ଛାତ ଉପରେ ଖେଳୁଥିବା ସମୟରେ ୧୧କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ। ଏହି ଘଟଣାରେ ପୀଡିତଙ୍କୁ ୩ ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ ଦେବାକୁ ଜାତୀୟ ମାନବ ଅଧିକାର କମିଶନ(ଏନ୍‌ଏଚ୍‌ଆର୍‌ସି) ଓଡ଼ିଶା ସରକାରଙ୍କ ମୁଖ୍ୟ ଶାସନ ସଚିବଙ୍କୁ କୈଫିୟତ ତଲବ କରି ୬ ସପ୍ତାହ ମଧ୍ୟରେ ଉତ୍ତର ରଖିବାକୁ ତାଗିଦ୍ କରିଛନ୍ତି। ଏହି ନୋଟିସ୍‌ରେ ଯେଉଁ ଅଧିକାରୀଙ୍କ ଅବହେଳା ଯୋଗୁ ଏଭଳି ଦୁର୍ଘଟଣା ଘଟିଲା ସେମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ୬ ସପ୍ତାହ ମଧ୍ୟରେ କମିଶନଙ୍କ ନିକଟରେ ଜବାବ ଦାଖଲ କରିବାକୁ କୁହାଯାଇଛି। ଘଟଣା ସମ୍ପର୍କରେ ଭବାନୀପାଟଣାର ମାନବାଧିକାର କର୍ମୀ ଦିଲୀପ କୁମାର ଦାସ ଏନ୍‌ଏଚ୍‌ଆର୍‌ସିଙ୍କ ନିକଟରେ ଅଭିଯୋଗ ଦାଖଲ କରି ଶିଶୁଦ୍ୱୟଙ୍କୁ ନ୍ୟାୟ ପ୍ରଦାନ କରିବାକୁ ପ୍ରାର୍ଥନା କରିଥିଲେ। ଏହାକୁ ପଞ୍ଜୀକୃତ କରି କମିଶନ ଏହାର ବିଚାର ଜାରି ରଖିଛନ୍ତି। କମିଶନଙ୍କ ନିର୍ଦ୍ଦେଶକ୍ରମେ ୱେସ୍କୋ କର୍ତ୍ତୃପକ୍ଷ ଓ ଶକ୍ତି ବିଭାଗ ନିଜର ରିପୋର୍ଟ ଦାଖଲ କରିଥିଲେ। ଯଦିଓ ରାଜସ୍ୱ ବିଭାଗ, ଉଚ୍ଚଶକ୍ତି ବିଦ୍ୟୁତ୍ ତାର ତଳେ ବେଆଇନ ଭାବେ କୋଠା ନିର୍ମାଣ କରୁଥିଲେ, ଏହାକୁ ତଦାରଖ କରି ବନ୍ଦ କରିବା ଦାୟିତ୍ୱ ମଧ୍ୟ ୱେସ୍କୋ ଅଧିକାରୀ ଓ ଶକ୍ତି ବିଭାଗର କର୍ମକର୍ତ୍ତାଙ୍କର ରହିଛି। ବିଭାଗୀୟ ଅବହେଳା ଯୋଗୁ ଦୁଇ ଶିଶୁ କଷ୍ଟ ଭୋଗିଲେ ବୋଲି ଅନୁଭବ କରି କମିଶନ ଏହି ନିର୍ଦ୍ଦେଶନାମା ଜାରି କରି ଜବାବ ରଖିବାକୁ ମୁଖ୍ୟ ଶାସନ ସଚିବଙ୍କୁ ତାଗିଦ୍ କରିଛନ୍ତି ।

## ତୃତୀୟ ଦିନରେ କଂସ ଦରବାର

ଲୋଇସିଂହା,୮।୧୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଆଗଲାପାଲି ଖେକେର୍ଲି ଡୁଙ୍ଗୁରୀରେ ଚାଲିଥିବା ଗିରିଗୋବର୍ଦ୍ଧନ ମହୋତ୍ସବର ରବିବାର ଥିଲା ତୃତୀୟ ରଜନୀ । ଏହି ରାତ୍ରରେ ଅନୁଷ୍ଠିତ କଂସ ଦରବାରରେ କୃଷ୍ଣ ଜନ୍ମ କଥା ବସ୍ତୁ ଉପରେ ଗୀତିନାଟ୍ୟ ପ୍ରଦର୍ଶନ କରାଯାଇଥିଲା। ଦେବରାଜ ଛତ୍ରିଆ କଂସ ଭୂମିକାରେ ଅଭିନୟ କରୁଛନ୍ତି। ସୁରସଙ୍ଗମ କଳାକାରଙ୍କ ସହ ଆଖପାଖ ଗ୍ରାମର କୁନି କଳାକାରମାନେ ନୃତ୍ୟ ପ୍ରଦର୍ଶନ କରିଥିଲେ । ଅତିଥି ଭାବେ ବରିଷ୍ଠ ପୋଲିସ ଅଧିକାରୀ ହେମସାଗର ନନ୍ଦ, ବିଜେଡି ରାଜ୍ୟ ପରିଷଦ ସଦସ୍ୟ ନିହାର ରଞ୍ଜନ ବେହେରା, ସରୋଜ ବିଶ୍ୱାଳ, ସୁଶାନ୍ତ ବାରିକ, ତ୍ରିଲୋଚନ ନନ୍ଦ ଯୋଗ ଦେଇଥିଲେ। ଖେକେର୍ଲି ଡୁଙ୍ଗୁରିରେ ଏକ ମଣ୍ଡପ, ରାସ୍ତା ନିର୍ମାଣ ଏବଂ ଅଗଲାପାଲିରେ କିଡନୀ ସମସ୍ୟା ବ୍ୟାପୁଥିବାରୁ ଏହାର ନିରାକରଣ ପାଇଁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଦିଗରେ ପଦକ୍ଷେପ ନିଆଯିବ ବୋଲି ବିଜେଡି ନେତା ନିହାର ରଞ୍ଜନ ବେହେରା କହିଛନ୍ତି।

